# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୨୭ } ତାଂ ୨୬ ନଭେମ୍ବର ସନ୍ ୧୮୯୨ ମସିହା । ମାର୍ଗଶିର ୧୨ ଦିନ ସନ ୧୩୦୦ ସାଲ ଶନିବାର
ସଂଖ୍ୟା ୪୮ }

{ ଅଗ୍ରିମ ବାର୍ଷିକ ମୂଲ୍ୟ ୨॥
{ ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୩
{ ମଫସଲ ଡାକମାସୁଲ ୬।୦

ବ୍ରହ୍ମାର ଯେଉଁ ରାଜଦୂତମାନେ ଇଂଲଣ୍ଡକୁ ଯାଇଥିଲେ ସେମାନେ ଫେରନ୍ତି ବାଟରେ ଇଟାଲିବାଟେ ଆସିଲେ । ଇଟାଲିର ରାଜାଙ୍କୁ ବ୍ରହ୍ମାରରାଜା କେତେଗୁଡିଏ ମୂଲ୍ୟବାନ୍ ଦ୍ରବ୍ୟ ଭେଟିସ୍ୱରୂପ ପଠାଇଥିଲେ ଦୂତମାନେ ତାହା ଭେଟି ଅଣିଲେ । ଅନନ୍ତର ଇଟାଲିରରାଜା ଏକ-ଜଣ ସେନାପତିଙ୍କଠାରେ କେତେଗୁଡିଏ ମୂଲ୍ୟବାନ୍ ଦ୍ରବ୍ୟ ଦେଇ ତାଙ୍କୁ ଫେରିବା ସମୟରେ ବ୍ରହ୍ମାର-ରାଜାଙ୍କ ନିକଟକୁ ପଠାଇଅଛନ୍ତି । ଅମ୍ଭେମାନେ ଏପ୍ରକାର ସମ୍ମାନର ବାର୍ତ୍ତା ପାଇ ବଡ ଆନନ୍ଦିତ ହେଲୁଁ । କାହିଁ ଇଟାଲି ଓ କାହିଁ ବ୍ରହ୍ମା ପୁଣି ଏ ଦୁଇ ଦେଶମଧ୍ୟରେ କୌଣସି ବାଣିଜ୍ୟ ସମ୍ପର୍କ ନାହିଁ ଥିବାଠାରୁ ହେଲେ ଉଭୟ ରାଜାଙ୍କ ମଧ୍ୟରେ ପରସ୍ପର ମୈତ୍ରୀ ସ୍ଥାପିତ ହେଲା ଓ କେତେ ଦୂରରେ ଥାଇ କେମନ୍ତ ବନ୍ଧୁ-ଭାବ ରକ୍ଷାକଲେ । ଏଠା ଦେଶୀୟରାଜାମାନଙ୍କୁ ଅବଶ୍ୟକ ଯେ ଏଥିରୁ ଉପଦେଶ ଗ୍ରହଣ କରିବେ ସେମାନେ ପରସ୍ପରର ଏକମନସ୍କରେ ଥିବାରୁ ଓ କୌଣସି ପ୍ରକାରେ କେହି କାହାର ଅଧୀନ କିମ୍ବା ପରସ୍ପରର ଅଧିକାରର ନଥିବାରୁ ଭେବେହେଁ ଏମାନେ ପରସ୍ପରର ସହିତ ସଦ୍ଭାବ ରକ୍ଷିବାକୁ ଯତ୍ନ କରନ୍ତି ନାହିଁ ବରଂ ବୃଥା ଗୌରବର ବଶ ହୋଇ ଏକ ଅନ୍ୟକୁ ଘୃଣା ଜ୍ଞାନ କରନ୍ତି । ଇଟାଲିରରାଜା ଅପଣା ରାଜ୍ୟ-ଜାତ ଅତ୍ୟୁତ୍କୃଷ୍ଟ ଦ୍ରବ୍ୟମାନ ପଠାଇଅଛନ୍ତି ଯେ ଉନ୍ନତ୍ତ ତାହାଙ୍କ ରାଜ୍ୟର ଉନ୍ନତ ଜଣା ପଡିବ ରାଜାମାନେ ଯେବେ ଏପ୍ରକାର ଭେଟିର ଦସ୍ତା ଦେଇ ଥିଅନ୍ତି ତେବେ ପରସ୍ପରର ରାଜ୍ୟର ଉନ୍ନତି ହେବାର ସମ୍ଭାବନା କାରଣ ଅପଣା ଗୌରବ ଦେଖାଇବା ପାଇଁ ସମସ୍ତେ ଅପଣା ରାଜ୍ୟରେ ଉତ୍କୃଷ୍ଟ ଦ୍ରବ୍ୟ ପ୍ରସ୍ତୁତ କରାଇବା ପକ୍ଷରେ ଯତ୍ନବାନ୍ ହେବେ ।

---

ବାଲେଶ୍ୱର ସମ୍ବାଦବାହିକାରେ ଉଲ୍ଲିଖିତ ସମ୍ବାଦଟି ପଢି ଅମ୍ଭେମାନେ ବଡ ଆଶ୍ଚର୍ଯ୍ୟ ହେଲୁଁ । ଏ ଅଭିପ୍ରାୟରେ ସୁପରିଣ୍ଟେଣ୍ଡେଣ୍ଟ ସାହେବ ( ସାହେବ ନ ଲେଖିଲେ କେ ଜାଣେ ଅମୃତକୁଣ୍ଡଙ୍କୁ ଅବା କନଷ୍ଟବଲ ଅସିପାରେ ) କନଷ୍ଟବଲଦ୍ୱାରା ସମ୍ପାଦକଙ୍କୁ ତଲବ କରିଥିଲେ କିଛି ବୁଝାଯାଉ ନାହିଁ । ଫଳତଃ ଅମ୍ଭମାନଙ୍କର ଆଶ୍ଚର୍ଯ୍ୟ ହେବାର କାରଣ ଏହି ଯେ ଯେଉଁଠାରେ ବମସ ସାହେବ ମାଜିଷ୍ଟ୍ରେଟ ଓ ଭକ୍ତିପ୍ରିୟ ବାବୁ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ସେଠା ପୁଲିସର କ୍ଷମତା ଏତେଦୂରକୁ ଉଠିଅଛି । ପ୍ରଶଂସିତ ସମ୍ବାଦ ଲେଖକମାନେ ଏ ବିବେଚନା କରିବେ ଶୁଣିବାକୁ ଅମ୍ଭମାନଙ୍କର ଅଭିଳାଷ ରହିଲା ।

"କେବଳ ସ୍ଥାନାଭାବରୁ ଅମ୍ଭେମାନେ ଭଣପୁର କଲଡ୍ରକ ମୋକଦ୍ଦମାର ପଞ୍ଜିକା ସମ୍ପୂର୍ଣ୍ଣ ପ୍ରକାଶ କରି ପାରୁ ନାହୁଁ, ତାହା ପ୍ରକାଶ ହେବା ପୂର୍ବେ କେବଳ ତାହାର ସୂଚନା ମାତ୍ର ପ୍ରକାଶ କରି-ଅଛୁଁ, ଏଥିରେ ବାଲେଶ୍ୱରର ସବଡିଭିଜନର ସବ୍‌ଇନସ୍ପେକ୍ଟର ଅଭିଯୋଗ ଅମ୍ଭମାନଙ୍କୁ ତଲବ କରିନେବା ନିମନ୍ତେ ଜଣେ କନଷ୍ଟବଲ ଛାପାଖାନାକୁ ପଠାଇଥିଲେ, ଅମ୍ଭେମାନେ ସେତେବେଳେ ଛାପାଖାନାରେ ନ ଥିବାରୁ କନଷ୍ଟବଲ ଅମ୍ଭମାନଙ୍କୁ ଦେଖି ଯାଇ ପାରିଲା ନାହିଁ । କେବଳ ସୂଚନାମାତ୍ର ପ୍ରକାଶ କରିବାରେ ଜଣେ କନଷ୍ଟ-ବଲ ପଠାଇଥିଲେ ସମ୍ପୂର୍ଣ୍ଣ ପ୍ରକାଶ କଲେ ନ ଜାଣି କି କରନ୍ତେ ବୋଲି କ ଯାଏ । ହେଉ ଅମ୍ଭମାନଙ୍କ ମାଜିଷ୍ଟ୍ରେଟ ସାହେବ ଅମ୍ଭମାନଙ୍କ ରକ୍ଷା କରିବେ । ମନସ୍କ କି ନିମନ୍ତେ ଅମ୍ଭମା-ନଙ୍କୁ ତଲବ କରିଥିଲେ ।"

---

ଗତ ଶନିବାର କଟକ ମ୍ୟୁନିସିପାଲିଟିର ପ୍ରଥମ ଅଧିବେଶନ ହୋଇଥିଲା । ତହିଁରେ କଲେକ୍ଟର ଓ ଜଏଣ୍ଟ ମାଜିଷ୍ଟ୍ରେଟ ଏବଂ କେତେ ଜଣ ଦେଶୀୟ ବ୍ୟକ୍ତି ଏପ୍ରକାର ଅଠଜଣ ସଭ୍ୟ ଉପ-ସ୍ଥିତ ଥିଲେ । ଜଏଣ୍ଟମାଜିଷ୍ଟ୍ରେଟ ଉଇଲକିନସା-ହେବଙ୍କୁ ସହକାରୀ ସଭାପତି ପଦରେ ନିଯୁକ୍ତ କରି ଉତ୍ତର ଉଲ୍ଲିଖିତ ବିଷୟମାନ ସଭ୍ୟମା-ନେ ସ୍ଥିରକଲେ ଯଥା ( ୧ ) ଏ ସହରରେ ମ୍ୟୁନିସିପାଲର ପରିମାଣ ଅନୁଲିଖିତ ସଙ୍ଗୋଚ ପରିମାଣର ଅଧେ ଅର୍ଥାତ୍ ୫ଙ୍କାରେ ଏକପଇ-ସା ଲେଖାଏ ଆଦାୟ ହେବ । ( ୨ ) ମାଥବ-ସତର ପୁଣି ଓ ବାଟ ଦୁଇକମ ମଧ୍ୟରେ ପନିପୋଖରୀ ଏହାର ଖର୍ଚ୍ଚ ଦୁଇକଲର ଅଦାୟ ହେବ ଏବଂ ( ୩ ) ଗୋପପୁର ସଡକ ଗଡ-ଖାଇ ଓ ମଧ୍ୟପ୍ରଦେଶରେ ଉଦେଷ୍ଟ ଭ କୂପଥିବାରୁ

Split by PDF Splitter

Digitized by srujanika@gmail.com

କଟକଟଉନର ଯେଉଁ ଟଙ୍କାରୁ ଉହାଁର ବ୍ୟୟ ନିର୍ବାହ ହେବା ଅନୁଚିତ ବୋଲି ଗବର୍ଣ୍ଣମେଣ୍ଟଙ୍କୁ ଲେଖାଯିବ । ଅତ୍ର କେତେଗୁଡ଼ିଏ ସାମାନ୍ୟବିଷୟ ମୀମାଂସା ହେଲା ଯେ ଉହାଁର ବିବରଣ ବର୍ତ୍ତମାନ ଲେଖିବା ଅନାବଶ୍ୟକ ଏ ପତ୍ରେ ବିସ୍ତାର ରୂପେ କମିଟୀର କାର୍ଯ୍ୟ ବିବରଣ ପ୍ରକାଶିତ ହେବ । ଏ ସମ୍ବରେ ଯେଉଁ ଆୟ ବ୍ୟୟର ତାଲିକା ମଞ୍ଜୁର ହେଲା ଉହାଁର ସଂକ୍ଷେପ ବିବରଣ ଯଥା,—

ଆୟ

| | |
|---|---|
| ବାଧିକର | ଟ ୨।୫୦୦ |
| ଘାଟମାସୁଲ | ଟ ୪୭୦୦ |
| ଗବର୍ଣ୍ଣମେଣ୍ଟ ଦାନ | ଟ ୧,୦୦୦ |
| | ଟ ୪୨୭୦୦ |

ବ୍ୟୟ

| | |
|---|---|
| କରଅଦାୟ ଖର୍ଚ୍ଚା | ଟ ୮୭୨୦ |
| ବାଣିଜମାତ୍ରଙ୍କ କର୍ମଚାରୀ ଓ ଛତ୍ରାର ଇତ୍ୟାଦି ଖର୍ଚ୍ଚା | ଟ ୭୭୭୦ |
| ସଡ଼କନିର୍ମାଣ ଓ ମରାମତି | ଟ ୨୫୮୭୫ |
| | ଟ ୪୨୩୬୫ |

କେବଳ ମାଥବସତକ ବିଷୟରେ ସଭ୍ୟଙ୍କ ମଧ୍ୟରେ ବିବାଦ ଓ ମତଭେଦ ହୋଇଥିଲା ଓ ଜଣେ ସଭ୍ୟ ଏହି ଆପତ୍ତି କଲେ ଯେ କଟକ ଷ୍ଟେସନ ଉକ୍ତ ସଡ଼କର ସବୁ ଖର୍ଚ୍ଚା ଦେଲେ ସ୍ୱତନ୍ତ୍ର ହେବ ଅନ୍ୟବିଷୟ କମିଟି ବାସ୍ତବରେ କରିବାର ଅବଶ୍ୟକ ନାହିଁ । କିନ୍ତୁ ଅପତ୍ତିକାରୀଙ୍କ ସଂଖ୍ୟା ଅଳ୍ପ ହେବାରୁ ସେକଥା ଟାଳିଲା ନାହିଁ ଅଥଚ ସମ୍ପ୍ରତି ଯେଉଁପ କଲେକ୍ଟର ସାହେବ କହିଲେ ସଭ୍ୟମାନେ ଉହାଁରେ ସମ୍ମତି ପ୍ରଦାନ କଲେ ।

---

ନର୍ମାଲ ସ୍କୁଲ ।

ଉଚ୍ଚଶ୍ରେଣୀ ଓ ନିମ୍ନଶ୍ରେଣୀ ଶିକ୍ଷାର ନୂତନ ପ୍ରଣାଳୀ କରିବାର ଅସ୍ମାନଙ୍କର ସୁଯୋଗ୍ୟ ଲେଫଟେନେଣ୍ଟ ଗବର୍ଣ୍ଣର ଏଥର ନର୍ମାଲସ୍କୁଲ ପ୍ରତି ଦୃଷ୍ଟି ନିକ୍ଷେପ କରିଅଛନ୍ତି । ଅମ୍ଭେମାନେ ଗତସପ୍ତାହର ଏଡୁକେସନ ଗେଜେଟରେ ଦେଖିଲୁଁ ଯେ ଶିକ୍ଷାବିଭାଗର ଡାଇରେକ୍ଟରଙ୍କ ନିକଟକୁ ଏ ବିଷୟରେ ମାନ୍ୟବର ସାହେବ ଏକଖଣ୍ଡ ଦୀର୍ଘ ପତ୍ର ଲେଖିଅଛନ୍ତି । ସେହିର ଅବିକଳ ଅନୁବାଦ ଉକ୍ତ ପତ୍ରିକାରେ ପ୍ରକାଶିତ ହୋଇଅଛି ବାହୁଲ୍ୟଭୟରେ ସମୁଦାୟ ଏଠାରେ ନ ଲେଖି ସଂକ୍ଷେପରେ ଉହାଁର ମର୍ମ ଲେଖୁଅଛୁଁ ।

ଲେଫଟେନେଣ୍ଟ ଗବର୍ଣ୍ଣର କହୁଅଛନ୍ତି ଯେ ସେ ମଫସଲରେ ବୁଲି କେତେଗୋଟି ନର୍ମାଲସ୍କୁଲ ଦେଖିଅଛନ୍ତି । ସେସବୁ ନାମରେ ନର୍ମାଲସ୍କୁଲ କିନ୍ତୁ କର୍ତ୍ତବ୍ୟରେ ନୁହଇ । ଏସବୁ ସ୍କୁଲରେ ଗୁରୁଶାଳୀର ଅବଧାନର ଶିକ୍ଷା ଦିଆଯାଏ ନାହିଁ ଓ ଯେଉଁମାନେ ଏଠାରେ ପଢ଼ନ୍ତି ସେମାନେ ଅବଧାନ ହେବାର ମଧ୍ୟ ସମ୍ଭାବନା ନାହିଁ । ତଥାପି ଏମାନଙ୍କୁ ଛାତ୍ରବୃତ୍ତି ଓ ଅନେକ ସ୍ଥଳରେ ଅଧିକ ବୃତ୍ତି ଦେଇ ଶିକ୍ଷା ଦେବା ହୁଅଇ । କେତେକ ନର୍ମାଲବିଦ୍ୟାଳୟରେ ସ୍ଥାନୀୟ ପ୍ରଚଳିତ ଭାଷା ବିଶେଷରୂପେ ଶିକ୍ଷା ହୁଅଇ ନାହିଁ ଓ ଅତ୍ର କେତେସ୍ଥଳରେ ଶିକ୍ଷକଙ୍କ ବେତନ ଓ ଛାତ୍ରଙ୍କ ବୃତ୍ତିରେ ଅନେକ ବ୍ୟୟ ପଡ଼ଇ ଏହି ସ୍କୁଲର ପ୍ରଧାନଶିକ୍ଷକର ବ୍ୟୟ ଜଣେ ଡେପୁଟୀର ବେତନରୁ ବେଶିଷ୍ଟଣ ଅଟଇ ଏହିପରି ଅତ୍ର କେତେକ ଅନର୍ଥକ ବ୍ୟୟର ବିବରଣ ଲେଖି ମାନ୍ୟବର ଲେଫଟେନେଣ୍ଟ ଗବର୍ଣ୍ଣର ଡାଇରେକ୍ଟରଙ୍କୁ ଲେଖିଅଛନ୍ତି ଯେ ବର୍ତ୍ତମାନ ନର୍ମାଲସ୍କୁଲ ସମୂହର ପୁନର୍ବ୍ୟବସ୍ଥା କରିବା ଉଚିତ । ଯେରୂପେ କି ପ୍ରତ୍ୟେକ ଜିଲ୍ଲାରେ ଗୁରୁଶାଳୀର ଅବଧାନମାନେ ପ୍ରସ୍ତୁତ ହୋଇପାରିବେ ଉହାଁର ସୁବିଧାନ କରିବେ ଓ ଏଥିରେ ଯାହା ବ୍ୟୟ ପଡ଼ିବ ତାହା ନର୍ମାଲସ୍କୁଲର ବର୍ତ୍ତମାନ ଅନର୍ଥକ ବ୍ୟୟ ନିବୃତ୍ତିଦ୍ୱାରା ଚଳିପାରିବ ।

ଲେଫଟେନେଣ୍ଟ ଗବର୍ଣ୍ଣର ଆଜ୍ଞା କରିଅଛନ୍ତି ଯେ ନର୍ମାଲସ୍କୁଲରେ ଦେଶୀୟଭାଷା ଭିନ୍ନ ଅତ୍ର କୌଣସି ଭାଷା ଶିଖାଇବାକୁ ହେବ ନାହିଁ ଯଥା ବଙ୍ଗଳାରେ ବଙ୍ଗଳା ଓଡ଼ିଶାରେ ଓଡ଼ିଆ ଇତ୍ୟାଦି

ଉପରଲିଖିତ ମନ୍ତବ୍ୟ ଅନୁଯାୟୀ ଡାଇରେକ୍ଟରବ୍ୟବସ୍ଥା କରିବେ ଓ ତାହାଙ୍କୁ ଆଦେଶ ହୋଇଅଛି ଯେ ପ୍ରତ୍ୟେକ ନର୍ମାଲସ୍କୁଲର ତଳଲିଖିତ ପ୍ରକାର ବ୍ୟୟର ହିସାବ ପଠାଇବେ ଯଥା ୧ସ୍କଲର୍ସିପ, ୨ଛାତ୍ରବୃତ୍ତି , ୩କର୍ମଚାରୀଙ୍କ ବେତନ, ୪ଆନୁଷଙ୍ଗିକ ଆଦର୍ଶପାଠଶାଳାର ବ୍ୟୟ, ୫ଅନ୍ୟାନ୍ୟପ୍ରକାର ବ୍ୟୟ । ଏ ହିସାବ ସଙ୍ଗେ ବୃତ୍ତିଭୋଗୀ ଛାତ୍ରଙ୍କ ସଂଖ୍ୟା, ଅନ୍ୟ ଛାତ୍ରର ସଂଖ୍ୟା, ଛାତ୍ରଗଣ ପୂର୍ବେ କିଏଥିଲେ, କେଉଁ କର୍ମ କରିବେବୋଲି ତାହା ଶିଖନ୍ତି ଓ ବାସ୍ତବରେ ସେମାନଙ୍କ ମଧ୍ୟରୁ କେତେ ଲୋକ ବିଦ୍ୟାଳୟର ଶିକ୍ଷକ ହୁଅନ୍ତି ।

ଉପର ଲିଖିତ ପ୍ରସଙ୍ଗ ପାଠକଙ୍କେ ଜଣାଯାଏ ଯେ ଲେଫଟେନେଣ୍ଟ ଗବର୍ଣ୍ଣର ମହାଶୟ କେବଳ ସାମାନ୍ୟ ଶିକ୍ଷାପାଇଁ ଉପଯୋଗୀ କରିବା ନିମନ୍ତେ ନର୍ମାଲ ସ୍କୁଲର ଏରୂପ ବ୍ୟବସ୍ଥା କରିଅଛନ୍ତି ଓ ନର୍ମାଲ ସ୍କୁଲରେ ଉଚ୍ଚଶିକ୍ଷାର ଯେଉଁ ସୁବିଧା ଅଛି ତହିପ୍ରତି ପ୍ରଶଂସିତ ମହାଶୟ କିଛି ମନୋଯୋଗ କରୁନାହାନ୍ତି । ବାସ୍ତବରେ ତାହା ନୁହେ । ସେ ପ୍ରସଙ୍ଗରେ ଲେଫଟେନେଣ୍ଟ ଗବର୍ଣ୍ଣର କହିଅଛନ୍ତି କି ଉଚ୍ଚଅଙ୍ଗର ଶିକ୍ଷକ ପ୍ରସ୍ତୁତ କରିବା ପାଇଁ କିପ୍ରକାର ନର୍ମାଲସ୍କୁଲ ପ୍ରୟୋଜନୀୟ ଏବଂ ସେପ୍ରକାର ନର୍ମାଲସ୍କୁଲର ଛାତ୍ର ନିମିତ୍ତ କିପ୍ରକାର ଛାତ୍ରବୃତ୍ତି ଦେବାର ଆବଶ୍ୟକ ଉହାଁର ପ୍ରସ୍ତାବ ଡାଇରେକ୍ଟର ପଠାଇବେ । ଯେଉଁମାନେ ଗୁରୁଶାଳୀର ଗୁରୁ ନୁହନ୍ତି ତାହାଙ୍କ ଛଡ଼ା ସାମାନ୍ୟତଃ କୌଣସି ବ୍ୟକ୍ତିକୁ ବର୍ତ୍ତମାନ ନିୟମାନୁସାରେ ବୃତ୍ତି ଦିଆଯିବ ନାହିଁ । ଏବଂ ଉଚ୍ଚ ଅଙ୍ଗର ଶିକ୍ଷକ ହେବାପାଇଁ ଉତ୍ସାହ ଦେବା ଅଭିପ୍ରାୟରେ ଛାତ୍ରଗଣଙ୍କୁ ଯେତେ ସ୍କଲର୍ସିପ ଦିଆଯିବ ତାହା ମଧ୍ୟ ଅନ୍ୟାନ୍ୟ ସ୍କଲର୍ସିପ ପରି ଶିକ୍ଷନୀୟ ପରୀକ୍ଷା ଛାତ୍ରଣ ଉତ୍ତୀର୍ଣ୍ଣ ପ୍ରଦତ୍ତ ହେବ ।

ଅମ୍ଭେମାନେ ଏଥିପୂର୍ବେ କେତେଥର କହିଅଛୁଁ ଯେ ନର୍ମାଲସ୍କୁଲର କିଛି ପ୍ରୟୋଜନ ନାହିଁ ଏହାକୁ ଉଠାଇ ଦେଇ ଭର୍ଣ୍ଣାକୁଲର ସ୍କୁଲସମୂହର ପ୍ରଥମ ଶ୍ରେଣୀରେ ସାମାନ୍ୟ ବନ୍ଦୋବସ୍ତ କଲେ ଶିକ୍ଷକ ପ୍ରାପ୍ତ ହୋଇ ପାରନ୍ତି । କିନ୍ତୁ ଲେଫଟେନେଣ୍ଟ ଗବର୍ଣ୍ଣରସାହେବ କେତେଦୂର ଚେଷ୍ଟା କରି ଉପଯୁକ୍ତ ଅବଧାନ ସହଜରେ ପାଇବା ଲାଗି ଅନେକ ନର୍ମାଲସ୍କୁଲ ରଖିବାକୁ ବାଞ୍ଛା କରନ୍ତି ଏପ୍ରସ୍ତାବଦ୍ୱାରା କେବଳ ବ୍ୟୟ ଊଣା ହେବ ନାହିଁ ଏମନ୍ତ ନୁହେ ଅନର୍ଥକ ବ୍ୟୟ ମଧ୍ୟ ନିବାରିତ ହେବ ନାହିଁ କେବଳ ଉହାଁର ରୂପାନ୍ତର ଘଟିବ ।

---

ନିମ୍ନଶ୍ରେଣୀର ଶିକ୍ଷାବିଧାନ ।

ମାନ୍ୟବର ଶ୍ରୀଯୁକ୍ତ ଲେଫଟେନେଣ୍ଟ ଗବର୍ଣ୍ଣର ସାହେବ ଏ ବିଷୟରେ ଯେ ନୂତନ ବିଧାନ କରିଅଛନ୍ତି ତାହା କିରୂପେ କାର୍ଯ୍ୟରେ ପରିଣତ ହେବ ଗତ ସପ୍ତାହରେ ଅଧ୍ୟକ୍ଷ ଶିକ୍ଷାବିଭାଗର ସ୍ଥାନୀୟ କମିଟୀର ଅଧିବେଶନରେ ଉହାଁର ବିଚାର ହୋଇଥିଲା । ଅନେକ ବାଦାନୁବାଦ ଉତ୍ତାରୁ ଏହି ସିଦ୍ଧାନ୍ତ ହେଲା ଯେ ଏ ଜିଲ୍ଲାରେ ନ୍ୟୁନାଧିକ ଯେଉଁ ୨୯୦୦ ଚାଟଶାଳୀ ଅଛି ଉହାଁ ମଧ୍ୟରୁ

Split by PDF Splitter
Digitized by srujanika@gmail.com

Split by PDF Splitter



୪୦୦ ଗ୍ରାମ୍ଯଶାଳୀ ବାଛି ପ୍ରତ୍ୟେକ ଗ୍ରାମ୍ଯଶାଳୀର ଶିକ୍ଷକଙ୍କୁ ମାସିକ ଏକଟଙ୍କା ଲେଖାଏଁ ବେତନ ଦିଆଯିବ ଓ ପରଶେଷରେ ପରୀକ୍ଷାଦ୍ୱାରା ଯେଉଁ ଗ୍ରାମ୍ଯଶାଳୀରେ ଯେ ପରିମାଣରେ ଶିକ୍ଷାକାର୍ଯ୍ୟ ଭଲ ଚଳିବାର ଜଣାଯିବ ସେଠା ଅବଧାନମାନଙ୍କୁ ଏକାବେଳକେ ୪|୫ଟଙ୍କାରୁ ଊର୍ଦ୍ଧ୍ୱ ନ ହୁଏ ଏପରି କିଛି ଟଙ୍କା ପାରିତୋଷିକ ସ୍ୱରୂପ ଦିଆଯିବ ଏଥିରେ ଏହି ଫଳ ହେବ ଯେ ଯେଉଁ ଅବଧାନ ଉତ୍ତମରୂପେ ଶିକ୍ଷା ଦେଇଥିବ ସେ ବର୍ଷରେ ୨|୩ଟଙ୍କା ପାଇବ ଓ ଅନ୍ୟଲୋକେ ପରୀକ୍ଷାର ଫଳାନୁସାରେ ଊଣା ପାଇବେ ଓ ଯାହାର ପିଲା ପରୀକ୍ଷା ଦେଇ ନ ପାରିବେ ସେ ବର୍ଷକେ ଯାହା କେବଳ ୧୨ ଟଙ୍କା ପାଉଥିବ ତହିଁରୁ ଅଧିକ କିଛି ପାଇବ ନାହିଁ । ୧୯୦୦ ସ୍କୁଲ ମଧ୍ୟରୁ କାହାକୁ ଗବର୍ଣ୍ଣମେଣ୍ଟଙ୍କ ସାହାଯ୍ୟ ଦିଆଯିବ ତାହା ଜିଲାର ମାଜିଷ୍ଟ୍ରେଟ ଓ ଡେପୋଟୀଇନ୍ସ୍ପେକ୍ଟର ସ୍ଥିର କରିବେ ।

ଅମ୍ଭେମାନେ ବିବେଚନା କରୁଁ ଯେ ଉପରୁକ୍ତ ଲିଖିତ ନିୟମମାନ ବିବେଚନା ପୂର୍ବକ ଧାର୍ଯ୍ୟ ହୋଇଅଛି ଓ ଏଥିରେ ଉତ୍ତମରୂପେ କାର୍ଯ୍ୟ ଚଳିବ ସନ୍ଦେହ ନାହିଁ । ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ସାହେବଙ୍କ ତତ୍ତ୍ୱାବଧାନରେ ଅଞ୍ଚଳକୁ ସ୍ଥାନୀୟ କର୍ମଚାରୀମାନେ ଯଥାସାଧ୍ୟ ପ୍ରଯତ୍ନରେ ଆଣି ଅଛନ୍ତି ବଡ଼ ସୁନ୍ଦର ବିଷୟ ଅଟଇ । ମାନ୍ୟବର ଲେଫ୍‌ଟେନାଣ୍ଟ ଗବର୍ଣ୍ଣରସାହେବ ଯେଉଁ ଉଦ୍ଦେଶରେ ଏ ଅଞ୍ଚଳମାନ ପ୍ରଚାର କରି ଅଛନ୍ତି ତାହା ଯେ କଦାକାଳରେ ସଫଳ ହେବ ଅମ୍ଭମାନଙ୍କ ବିଶ୍ୱାସ ନାହିଁ । ତାହାଙ୍କ ଉଦ୍ଦେଶ୍ୟ ଓ ତାହା ସମ୍ପାଦନର ଉପାୟ କେବଳ ଗଜେଟକୁ ଶୋଭା କରିଅଛି । ବିଦେଶୀୟ ଲୋକେ ପଢ଼ିଲେ କହିବେ ସାମାନ୍ୟ ଶ୍ରେଣୀର ଲୋକଙ୍କ ଶିକ୍ଷାପାଇଁ ଏ ଯାହା କଲେ ଏମନ୍ତ କେହି କରି ନାହିଁ ଓ ଏହାଙ୍କ ଉପାୟରେ ଅଚିରେ ମୂର୍ଖତା ଏଦେଶରୁ ସ୍ଥାନାନ୍ତରକୁ ତାଡ଼ିତ ହେବ । କିନ୍ତୁ ବାସ୍ତବରେ ବୁଝିଲେ ଏ ସବୁ ଅତମ୍ଭର କୌଣସି ଧର୍ମର ନୁହଇ । ଏହାଦ୍ୱାରା ଦେଶ ଲୋକମାନେ ଯେପରି ଅଛନ୍ତି ସେହିପରି ରହିବେ ଓ ଅପଣା ବଳରେ ଯେତିକ ଉନ୍ନତିଲାଭ କରିବାର ସମ୍ଭବ ତେତିକ କରିବେ ଫଳମଧ୍ୟରେ କେବଳ ଗବର୍ଣ୍ଣମେଣ୍ଟଙ୍କର କେତେକଗୁଡ଼ିଏ ଟଙ୍କା ଅକାରଣ ନଷ୍ଟ ହେବ । ଯେବେ ମାନ୍ୟବରସାହେବ ଶିକ୍ଷା ବିଷୟର କାର୍ଯ୍ୟରେ ବିରକ୍ତ ନ ହୋଇ ପୂର୍ବ ପ୍ରଚଳିତ ପ୍ରଣାଳୀର ଅନୁସରଣ କରି ଥାନ୍ତେ ଓ ତହିଁରେ ଯାହା କିଛି ଦୋଷ ଦେଖନ୍ତେ ତାହା ସଂଶୋଧନ ପୂର୍ବକ ବର୍ତ୍ତମାନ ବନ୍ଦୋବସ୍ତ କରିବା ଟଙ୍କା ସ୍ୱତନ୍ତ୍ର ସେହି ସେହି କାର୍ଯ୍ୟରେ ଲଗାଇ ଥାନ୍ତେ ତେବେ ଯଥାର୍ଥ ଫଳ ହୁଅନ୍ତା । ଯାହା ହେଉ ଗତ ବିଷୟର ଶୋଚନା କରିବା ଅନାବଶ୍ୟକ ନୂତନ ନିୟମଦ୍ୱାରା କିରୂପ କାର୍ଯ୍ୟ ଚଳିବ ଏଥର ତହିଁର ବିଚାର ହେଉ ।

ଅମ୍ଭେମାନେ ଆଗେ କହିଅଛୁଁ ଯେ ଏ ନିୟମଦ୍ୱାରା କିଛି ଫଳ ହେବ ନାହିଁ । ତହିଁର କାରଣ ଏହି ଯେ ଚାଟଶାଳୀରେ ଯେପ୍ରକାର ଶିକ୍ଷା ଦିଆଯାଉଅଛି ସେହି ପରି ଶିକ୍ଷା ଦିଆଯିବ ଅଧିକ କିଛି ନାହିଁ । ଏରୂପ ହେଲେ ୧୯୦୦ ସ୍କୁଲଦ୍ୱାରା ଯେବେ ଲୋକଙ୍କର ଅଜ୍ଞାନତମିର ନାଶ ନ ହେଲା ତେବେ ୪୦୦ ଗ୍ରାମ୍ଯଶାଳୀଦ୍ୱାରା କିରୂପେ ତାହା ଘଟିବ ? ଅବଧାନମାନେ କି ଅଧ୍ୟାପନା ପେଟରେ ଲୁଚାଇରଖିଥିଲେ ଯେ ସରକାରର ଟଙ୍କା ପାଇବାମାତ୍ରକେ ତାହା ବାହାରକରି ଦେବେ ? ଯେବେ ବୋଲ ଯେ ସେମାନେ ଉତ୍ତମରୂପ ଶିକ୍ଷା ଦେବା ପାଇଁ ନର୍ମାଲସ୍କୁଲରେ କିଛିଦିନ ଶିକ୍ଷାକରିବେ ତହିଁର ଉତ୍ତର ଏହି ଯେ ଶିଖିବେ କିଣ ? ଯେଉଁଶ୍ରେଣୀରେ ସେମାନେ ଶିକ୍ଷା ଦିଅନ୍ତି ସେ ଶ୍ରେଣୀ ତାହାଙ୍କୁ ଭଲ ଜଣାଅଛି ଓ ସେହି ଶ୍ରେଣୀରେ ଶିକ୍ଷା ଦେବାପାଇଁ ମାନ୍ୟବର ସାହେବ ତାହାଙ୍କୁ କହୁଅଛନ୍ତି । ପୁଣି ଅବଧାନଙ୍କ ଶିକ୍ଷାଦେବା ଶ୍ରେଣୀ ଯେବେ ଭଲଥାନ୍ତା ତେବେ ନିମ୍ନଶ୍ରେଣୀର ଶିକ୍ଷାପାଇଁ ଗବର୍ଣ୍ଣମେଣ୍ଟଙ୍କୁ ବ୍ୟସ୍ତ ହେବାକୁ ହୁଅନ୍ତା ନାହିଁ । ଲୋକମାନେ କିଛିଦିନ ପୂର୍ବରୁ ଲେଖାପଢ଼ିକାର୍ଯ୍ୟରେ ପଟୁତା ଲାଭ କରିଥାନ୍ତେ । କେବଳ ଶିକ୍ଷାପ୍ରଣାଳୀଟି ଭଲ ନୁହଇ ବୋଲି ସେରୂପ ଘଟଣା ହୋଇ ନାହିଁ । ୧୯୦୦ ଗ୍ରାମ୍ଯଶାଳୀ କିଛି ଏହିବର୍ଷ ହେଲା ଏମନ୍ତ ନୁହଇ ଏଥିପୂର୍ବେତ ଚାଟଶାଳୀ ଥିଲା ଓ ଚାଟଶାଳୀରେ ପଢ଼ିଥିବା ଅନେକ ଅଧିକବୟସର ଲୋକ ବର୍ତ୍ତମାନ ଅଛନ୍ତି ତାହାଙ୍କ ଅବସ୍ଥା ଥରେ ପ୍ରତ୍ୟକ୍ଷ କଲେ ଜଣାଯିବ ଯେ ପୁରୁଣା ଶ୍ରେଣୀଦ୍ୱାରା କିଛି ଅଶାନୁରୂପ ଶିକ୍ଷାଲାଭ ହୋଇ ନ ପାରେ । କେତେଲୋକ ଅଛନ୍ତି ପୋଥି ବୋଲିପାରନ୍ତି ଅପଣା ନାମଟିବା ଲେଖି ପାରନ୍ତି ନାହିଁ । କେତେଲୋକ ତାଳପତ୍ରରେ ଲେଖି ପାରନ୍ତି କାଗଜକୁ ଦେଖିଲା ମାତ୍ରକେ ହାତ ଥରଥର ହୁଅଇ । ଯେଉଁମାନେ ଲେଖାପଢ଼ା ବ୍ୟବସାୟ କରନ୍ତି ସେମାନେ ଅନେକ କଷ୍ଟରେ ଅପଣା ବ୍ୟବସାୟ ଚଳାଇବା ଉପଯୋଗୀ ଲେଖାପଢ଼ି କର୍ମ ଚଳାଇ ଥିଲେ ଓ ସେରୂପ ଉପଯୁକ୍ତ ହେବା ପାଇଁ ଅନେକକାଳ ଲାଗଇ । ଏପ୍ରକାର ଅବସ୍ଥାରେ ପୁରୁଣାଶ୍ରେଣୀରେ ଶିକ୍ଷାକାର୍ଯ୍ୟର ଅଧିକ କି ହୋଇ ପାରେ । ଗବର୍ଣ୍ଣମେଣ୍ଟ ଦେଶର ଅବସ୍ଥା ଜାଣନ୍ତି ନାହିଁ ପୁଣି ଦୁଃଖର ବିଷୟ ଯେ କେହି କହିଦେଲେ ତାହାକୁ ଶୁଣିବେ ପାନ୍ତି । ବାଲେଶ୍ୱରର ଭୂତପୂର୍ବ ଡେପୁଟୀଇନ୍ସ୍ପେକ୍ଟରର ଅବଧାନୀଶିକ୍ଷାର ଦୋଷ ଦେଖାଇ ଥିଲେ ଯେ ଅଛିଶୁଦ୍ଧା ସେ ଶାଳ ଖାଉଅଛନ୍ତି । ଉକ୍ତ ସ୍ଥାନଅବଲୋକନର ପତ୍ରିକାରେ ଏ ବିଷୟ ଅତି ଉତ୍ତମରୂପେ ଲେଖାଅଛି ଓ ଅମ୍ଭେମାନେ ସେ ସବୁକୁ ସମ୍ପୂର୍ଣ୍ଣରୂପେ ଅନୁମୋଦନ କରୁଁ । କିନ୍ତୁ ତହିଁରେ କା ଫଳ କି ଯାହାଙ୍କ ବୁଝିବାରେ ମଙ୍ଗଳ ହେବ ସେ ତ ବୁଝି ନାହାନ୍ତି ।

ଉପରେ ଯାହା ଲେଖାଗଲା ଏଥିରୁ ପାଠକମାନେ ବୁଝିବେ ଯେ ନୂତନ ଶିକ୍ଷାପ୍ରଣାଳୀଦ୍ୱାରା ଅନର୍ଥକ ଅର୍ଥ ବ୍ୟୟ ଭିନ୍ନ ଅଉ କିଛି ନାହିଁ ଅଥବା ଫଳାହାର ଭିକ୍ଷୁକର କଥାରେ କେବଳ ପଥଶ୍ରମ ଓ ଚୂଡ଼ା ମୁଢ଼ି ଚର୍ବ୍ୟ । ଅମ୍ଭେମାନେ ବିଚାରକରୁଁ ଯେ ଅବଧାନୀ ଶିକ୍ଷାଶ୍ରେଣୀକୁ ପରିବର୍ତ୍ତିତ ନ କଲେ କଦାପି ଶିକ୍ଷାକାର୍ଯ୍ୟ ଭଲ ଚଳିବ ନାହିଁ ଓ ସେଥିପାଇଁ ପୂର୍ବର ଲେଫ୍‌ଟେନାଣ୍ଟ ଗବର୍ଣ୍ଣରମାନେ ଯେ ବାଟ୍ଟପକାଇ ଯାଇଅଛନ୍ତି ତହିଁରେ ଚାଲିଲେ ଉଦ୍ଦିଷ୍ଟସ୍ଥାନରେ ପ୍ରବେଶ ହେବାର ସମ୍ଭାବନା । ତାହାକୁ ଗୋଟାଏ ନୂଆ ବାଟ କରି ଲୋକଙ୍କୁ ହଇରଣ କରିବାର ପ୍ରୟୋଜନ କି ? ବାଟ ଚାଲୁଁ କେତେଦିନ ଗଲେ ଓ ଶେଷରେ ଛିନ୍ନ ହେଲାଠାରୁ ଜଣାପଡ଼ିବ ଯେ ସେ ବାଟ ପ୍ରକୃତରେ ବାଟନୁହଇ କେବଳ ଭୁଆଁବୁଲିବା ।

---

## ସାପ୍ତାହିକ ସଂବାଦ ।

ବାଲେଶ୍ୱର ସମ୍ବାଦବାହିକାରୁ ଅବଗତହେଲୁ ଯେ ଅଳ୍ପଦିନ ହେଲା ଗଗନମଣ୍ଡଳ ମେଘାଚ୍ଛନ୍ନ ହୋଇ ରହିଅଛି । କାଲି ଦ୍ୱିପ୍ରହରଠାରୁ ଅନବରତ ମନ୍ଦ ମନ୍ଦ ବୃଷ୍ଟି ହେଉଅଛି । ଏହି ବୃଷ୍ଟି ହେତୁରୁ ଧାନ କ୍ଷେତ୍ରରେ ପୁନର୍ବାର ପୋକ ଜନ୍ମି ଧାନକ୍ଷେତ୍ର କାଟି ପକାଇବାର ଅନେକ ଲୋକ ଅଶଙ୍କା କରିଅଛନ୍ତି କେବଳ ରବିଶସ୍ୟ ପକ୍ଷରେ ଉପକାର ହେବାର ସମ୍ଭବ ।

Digitized by srujanika@gmail.com

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ଅର, ଏଲ, ମାର୍ଟିନସାହେବ ଯେ ବହୁଦିନ ପର୍ଯ୍ୟନ୍ତ କଟକର ଶିକ୍ଷା ମହକୁମାର ଇନ୍‌ସ୍‌ପେକ୍ଟରରେ ଥିଲେ ଗତମାସ ୨୬ ତାରିଖରେ ପଞ୍ଚତ୍ୱ ପାଇଅଛନ୍ତି । ଏ କର୍ମଚାରୀ ଅତି ନମ୍ର ଓ ସହୃଦୟଚିତ୍ତ ଓ ସଦାଲାପୀ ଥିଲେ ଏବଂ ଓଡ଼ିଶା ପ୍ରତି ଏହାଙ୍କର ବିଶେଷ ମନୋଯୋଗ ଥିଲା । ଏହାଙ୍କ ମୃତ୍ୟୁରେ ଅନେକ ଇଂରେଜ ଓ ଦେଶୀୟ ଲୋକ ସମସ୍ତେ ଦୁଃଖିତ ଅଛନ୍ତି ।

୧ । ଏଡୁକେସନ ଗେଜେଟରୁ ଅବଗତ ହେଲୁଁ, ଦକ୍ଷ ଓ ପିତୃପୂଜା ପାଇଁ ଲଣ୍ଡନରେ ଏକ ମନ୍ଦିର ନିର୍ମାଣ ହେବବୋଲି ବୋମ୍ବାଇରେ ଚାନ୍ଦା ସଂଗ୍ରହ ହୋଇଅଛି ।

୨ । ଲର୍ଡ ନର୍ଥବ୍ରୁକ ବୋମ୍ବାଇକୁ ଗମନ କରିବାରୁ ସେଠାର ଲୋକମାନେ ଏହି ଘଟନାର ସ୍ମରଣାର୍ଥ ତାହାଙ୍କ ନାମରେ ଗୋଟିଏ ଛାତ୍ରବୃତ୍ତି ସ୍ଥାପନର ପ୍ରସ୍ତାବ କରିଥିଲେ ।

ହିନ୍ଦୁପେଟ୍ରିଅଟ୍ ଲେଖନ୍ତି ଯେ ଏରୂପ ଜନରବ ହୋଇଅଛି ଯେ ଡିଙ୍କସ୍ପାର ମହାରାଜ ନୃତ୍ୟ କରିବାକୁ ଶିକ୍ଷା କରୁଅଛନ୍ତି । ଇଂରେଜମାନଙ୍କ ସଙ୍ଗରେ ନୃତ୍ୟ କରିବା ଏଥିର ଉଦ୍ଦେଶ୍ୟ ବୋଧ ହୁଏଇ ।

ହୋମ୍ ନ୍ୟୁଜ ସମ୍ବାଦପତ୍ରରୁ ଅବଗତ ହେଲୁଁ ଯେ ଫରାସି ଦେଶର ଏକପ୍ରଦେଶରେ ଅତ୍ୟନ୍ତ ବୃଷ୍ଟି ଓ ବନ୍ୟାରେ ସେଠାର ସବୁପ୍ରକାର ଶସ୍ୟ ନଷ୍ଟ ହେଲା । ଏଥିରେ ଚଷାମାନେ କ୍ରୋଧାନ୍ଧ ହୋଇ ପାଦ୍ରୀ ସାହେବଙ୍କୁ ମାରିବାକୁ ଉଦ୍ୟତ ହେଲେ କାରଣ ସେମାନଙ୍କ ବିଚାରରେ ସେ ଏ କ୍ଷତିର ଦାୟୀ ଥିଲେ । ପାଦ୍ରୀ ଗିର୍ଜାରେ ଲୁଚିବାରୁ ଚଷାମାନେ ତାଙ୍କ ଘରରେ ପ୍ରବେଶି ତାଙ୍କର ସାମଗ୍ରୀସବୁ ନଷ୍ଟକଲେ । ସେମାନଙ୍କ ମଧ୍ୟରୁ କେତେଲୋକ ଏ ଧରା ହୋଇ ବିଚାରାଧୀନ ହେଲେ । ସେମାନଙ୍କର ଉକ୍ତିଲ ଚତୁରପଣରେ ଅବେଦନ କଲା ଯେ ସେମାନଙ୍କର ଅଜ୍ଞତା ଓ କୁସଂସ୍କାର ପ୍ରତି ଦୃଷ୍ଟି କରିବାକୁ ହେବ । ସେମାନଙ୍କୁ ଉପଦେଶ ଦିଆଯାଇଅଛି ଯେ ପୁରୋହିତ (ପାଦ୍ରୀ) ପରମେଶ୍ୱରଙ୍କର ପ୍ରତିନିଧି ଓ ମନୁଷ୍ୟ ଓ ଦେବତା ମଧ୍ୟରେ ମଧ୍ୟସ୍ଥ ଅଟେ ଓ ତାହାର ପ୍ରାର୍ଥନା ପରମେଶ୍ୱର ଶୁଣନ୍ତି । ମତ ବୃଷ୍ଟି ସମୟରେ ସେମାନଙ୍କର ଏତାଦୃଶ କ୍ଷତି ଦେଖି ସେମାନେ ବୁଝିଲେ ଯେ ପୁରୋହିତ ଆପଣା କର୍ତ୍ତବ୍ୟକର୍ମରେ ତ୍ରୁଟି କରିଅଛି ବୃଷ୍ଟି ବନ୍ଦ ହେବାପାଇଁ ପ୍ରାର୍ଥନା କରିଅଛି ଏ ଯୋଗୁଁ ତାହାପ୍ରତି ସେମାନଙ୍କର କୋପ ହେଲା । ପୁରୋହିତ ଆପଣାର ଏତାଦୃଶ କ୍ଷମତା ଥିବାର ଲୋକମାନଙ୍କୁ ବିଶ୍ୱାସ କରାଉଥିବାରୁ ସେହି ବିଶ୍ୱାସ ତାଙ୍କର ଉକ୍ତ କ୍ଷତିର କାରଣ ହେଲା । ଅଦାଲତ ଏହି ବିବେଚନାରେ ଚଷାମାନଙ୍କୁ କେବଳ ସାମାନ୍ୟ ଦଣ୍ଡ ଦେଲେ । ଯଦ୍ୟପି ସଭ୍ୟତମ ଦେଶମଧ୍ୟରେ ଗଣନୀୟ ହୁଏ ସେଠାରେ ମଧ୍ୟ ଏପରି ଅଜ୍ଞ ଓ କୁସଂସ୍କାର ବିଶିଷ୍ଟଲୋକେ ଅଛନ୍ତି । ଏ ଦେଶର ନାସ୍ତିକ ବ୍ରାହ୍ମଣଙ୍କର ବଡ ସୌଭାଗ୍ୟ ଯେ ସେମାନଙ୍କ ପ୍ରତି ଏଠାଲୋକେ ଏପରି ବ୍ୟବହାର ନ କରନ୍ତି ।

## ପ୍ରେରିତପତ୍ର ।

ଶ୍ରୀଯୁତ ଉତ୍କଳଦୀପିକା ସମ୍ପାଦକ ମହୋଦୟଙ୍କ
ସମୀପେଷୁ ନିବେଦନମିଦଂ—

ନିମ୍ନଲିଖିତ ସମ୍ବାଦମାନଙ୍କୁ ଆପଣଙ୍କ ଉତ୍କଳଦୀପିକା ପତ୍ରିକାରେ ସ୍ଥାନ ଦାନ କରିବା ହେବେ—

ପାରଳୁଦ ଶ୍ରୀ ସଜାଙ୍କ କୁମାରଙ୍କୁ ସନ୍ତାନ ଛଳରେ ମଞ୍ଜୁଷା ଶ୍ରୀ ଗଜାଙ୍କ କୁମାରୀଙ୍କ ବିବାହ କରିବାକୁ ଓ ପାରଳୁଦ 'ଗ୍ରାମ୍ଭା' ନଦୀ ଦରବାରେ ମାନ୍ୟବର କର୍ଟଲ କମିସ୍ନର ସାହେବଙ୍କର ଶ୍ରୀଯୁତ ଓ ପୁରୀ କଲେକ୍ଟର ସାହେବଙ୍କ ପରୱାନା ପ୍ରକାରେ ହାଇକୋର୍ଟରେ ଆସୁଥିଲେ ସେ ଲବଣର ଅଫିସ ଛତ୍ରପୁରରେ ହନୁମାନ୍ଙ୍କ ଛାଇ ରହିବ ବୋଲି ପୁରୁଷୋତ୍ତମପୁର ବାଟେ ବରଂପୁରମାର୍ଗରେ ଯାଅ ବୋଲି ଶ୍ରୀଯୁତ ପଞ୍ଚାମ କଲେକ୍ଟର ସାହେବେ ତେଲୁଗୁ ଅକ୍ଷରରେ ପରୱାନା କଲେ । ସେ ପରୱାନା ସେ ସଜା ପାଇ ଶ୍ରୀଯୁତ ପୁରୀ କଲେକ୍ଟର ସାହେବଙ୍କ ଅଧିକାରପ୍ରକାରେ କାର୍ଯ୍ୟରେ ଯାବନ୍ତ ସୁରକ୍ଷା କରିବାକୁ ଶ୍ରୀଯୁତ ଗଞ୍ଜାମ କଲେକ୍ଟର ସାହେବେ ଲେଖିଲେ ବୋଲି ମଣିଲେ ସେ ସଜାଙ୍କ ସେ ତେଲୁଗୁ ଅକ୍ଷର ନ ଜାଣନ୍ତି ଓ ପରୱାନା ଆଣିବା ତପସ୍ୱୀ ମଧ୍ୟ ସେ ପରୱାନାର ଅର୍ଥ ନ କହିଲା ଓ ପାରଳୁଦ ଗ୍ରାମ୍ଭା ଆସିବା ବେଳେ ତରୁଣୀଙ୍କ ସୋଦରେ ଚଉକି ଥାଇ ସେ ଅଦା ପୁରୁଷୋତ୍ତମପୁର ଘୁଞ୍ଚା ନ କରାଇବାରୁ ହାଇକୋର୍ଟଙ୍କୁ ଅସିଲେ ଅମ୍ଭ ହୁକୁମ ନ ମାନିଲ ବୋଲି ଶାସନ୍ତ ସମୟରେ ପାରଳୁଦ ସଜାଙ୍କୁ ବାରଣ କରିଦେଇ ଶ୍ରୀଯୁତ ଗଞ୍ଜାମ କଲେକ୍ଟର ସାହେବେ ତେଲୁଗୁ ଭାଷାରେ ପରୱାନା କଲେ ସେଥିର କାରଣ ବୃଦ୍ଧି ଦର୍ଶାଇ ନିମନ୍ତେ କରିବାରୁ ଶ୍ରୀଯୁତ କଟକ କମିଶନର ସାହେବେ ମାନ୍ୟବର ବଙ୍ଗାଳା ଗବର୍ଣ୍ଣର ସାହେବଙ୍କୁ ନିବେଦନ କଲେ ବୋଲି ଶୁଣିଥିଲୁଁ ଉତ୍କୋଷୀ ହେବା ପାରଳୁଦ ଶ୍ରୀ ସଜାଙ୍କ ଅତି ପର୍ଯ୍ୟନ୍ତେ ଅର୍ଥଦଣ୍ଡ ନ କରିବା ବିଷୟରେ ମାନ୍ୟବର ଗବର୍ଣ୍ଣମେଣ୍ଟଙ୍କର ଉତ୍ତରଣି ହୁକୁମ ନ ଶୁଣିବାରୁ ଅମ୍ଭେ ବଡ଼ ବ୍ୟଥିତ ହୋଇ ସର୍ବରକ୍ଷକ ହେବା ଈଶ୍ୱରଙ୍କୁ ପ୍ରାର୍ଥନା କରୁଁ ଯେ ମାନ୍ୟବର ଲାଟବର୍ଣ୍ଣର ସାହେବେ ଶ୍ରୀଯୁତ କଟକ କମିଶନର ସାହେବଙ୍କର ଦରଖାସ୍ତ ପ୍ରକାରେ ପାରଳୁଦ ବିଷୟରେ ନ୍ୟାୟ ଦେବେ ସଦାଶିବ-ମାନେ ଜାମାତ୍ରାଙ୍କୁ ସମାନ ଏମନ୍ତ ନ୍ୟାୟରେ ବିଷୟର ଲୋକେ ଅପଦସ୍ତ ନ ହୋନ୍ତୁ ପୁରୁଷୋତ୍ତମପୁର ବରଂପୁର ଇତ୍ୟାଦି ଲୋକମାନେ ଯେଣେ ଅପଦସ୍ତ ହୋନ୍ତୁ ବୋଲି ନ୍ୟାୟାଧିପତିମାନେ ଦର୍ଶାଇଲେ ଏହା ଅନୁବାଦମାନଙ୍କର କି ଗତି । ଇତି ।

ଆପଣଙ୍କ ପତ୍ରିକାର ବହୁଦିବସ ହେବା
ଚନ୍ଦ୍ରପତିମହାନ୍ତି

## ବିଜ୍ଞାପନ ।

ପୁରୀଜିଲ୍ଲା ରେଜିଷ୍ଟ୍ରେସନର କୁମାର ହେଡକ୍ଲର୍କ ପଦ ଶୂନ୍ୟ ଅଛି ମାସିକ ବେତନ ଟ ୩୦ ଙ୍କା କର୍ମାକାଂକ୍ଷିମାନେ ଚଳିତ ଡିସେମ୍ବରମାସ ତା ୨୦ ରଖ ପୂର୍ବ ଅପଣା ସାର୍ଟିଫିକଟ ପ୍ରଭୃତିର ଅବେଦନପତ୍ର ଦେଇ ଜିଲାର ଶ୍ରୀଯୁକ୍ତ ରେଜିଷ୍ଟ୍ରାର ସାହେବଙ୍କ ସମୀପକୁ ପ୍ରେରଣକରିବେ ।
ତା ୨ ଭୁଖ ମାହେ ଡିସେମ୍ବର ସନ ୧୮୭୨ ମସିହା ।

J. GEDDES
Registrar of Puri

ମହାଦେବ ଶାଙ୍କିଡ଼ାର କରଣର କୁମାରସମ୍ଭବ କାବ୍ୟ ( ପ୍ରଥମ ସର୍ଗ ) ଟୀକା ପଦାରେ ଅନୁବାଦିତ ଓ ମୁଦ୍ରିତ ହୋଇ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ୧୦ ଟଙ୍କା ପ୍ରିଣ୍ଟିଂକମ୍ପାନିର ଯନ୍ତ୍ରାଳୟରେ ଖରିଦ କଲେ ପାଇ ପାରିବ ।

କଟକ
୬—୧୨—୭୨ } ଶ୍ରୀ ବଳଭଦ୍ରଦାସ

ଏହି ଉତ୍କଳଦୀପିକା କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

| | | |
|---|---|---|
| ଭାଗ<br>ସଂଖ୍ୟା | ଜାନୁଆରୀ ଉତ୍କଳ ସନ ୧୮୭୪ ମସିହା । ମୂ । ପୌଷ ୨୨ ସନ ୧୨୮୦ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ୪॥<br>ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫ଟ<br>ମଫସଲ ଘରୁ ଡାକମାସୁଲ ୫୷୶ |

ଅମ୍ଭେମାନେ ଭ୍ରମବଶତଃ ଗତସପ୍ତାହରେ ଅଭିମନ୍ୟୁମନ୍ଦମାର ଶେଷନିଷ୍ପତ୍ତି ଲେଖିଥାଉ-ନାହୁଁ । ଜିଲ୍ଲାଜଜ୍‌ମାନେ ଅଭିମନ୍ୟୁଙ୍କୁ ବର୍ଷେ ଓ ଦୌଷ୍ଟଚରଣଙ୍କୁ ବର୍ଷ କଠିନପରିଶ୍ରମ ସହିତ କାରାବାସ କରିବାର ଆଜ୍ଞା ଦୋଇଅଛନ୍ତି ଶ୍ରୀଯୁକ୍ତ ଜଜସାହେବ ଆଇନବର୍ଣ୍ଣିତ ଅପରାଧିକୁ ଉତ୍ତମ-ସ୍ୱରୂପ ନିଷ୍ପତ୍ତି କରିଅଛନ୍ତି ଓ ଜହିଁର ବୋଧ ହୁଅଇ ଯେ ହାଇକୋର୍ଟରେ ଅପିଲ ହେଲେ ସେଠା ଜଜଙ୍କ ବିଚାରରେ ଉକ୍ତ ମତ ଧାର୍ଯ୍ୟ-ହେବ । ଏପରି ଅପରାଧରେ ଦଣ୍ଡ ହେବାର ସର୍ବସାଧାରଣ ଆନନ୍ଦିତ ଅଛନ୍ତି ଯେବେ ଅଣ-ଜିଲ୍ଲାରେ ଏକରେ ମକଦମା ଗହିଯାଇଥାନ୍ତା ତେବେ ଏ ପରିଛ ଅପରାଧ ବୃଦ୍ଧିପାଇବାର ସମ୍ଭାବ୍ୟ ନ ଥିଲା ।

---

ଅମ୍ଭେମାନେ ଗତସପ୍ତାହରେ ଲେଖିଥିଲୁଁ ଯେ ରୋଡସେସକମିଟୀ ଏବର୍ଷ ୫ଙ୍କାରେ ଅଉ-ସାଏଲେଖାଏ କର ଆଦାୟକରିବାକୁ ସ୍ଥିର କରି-ଅଛନ୍ତି । କେହି୨ ଏମନ୍ତ ଅନୁମାନ କରନ୍ତି ଯେ ଉକ୍ତ ଏକପଇସା କେବଳ ପ୍ରଜାଙ୍କୁ ଦେଣ ପଡିବ ମାତ୍ର ବାସ୍ତବରେ ତାହା ନୁହଇ ଗବର୍ଣ୍ଣ-ମେଣ୍ଟ ମୋଟରେ ଏକପଇସା ନେବେ ସୁତରାଂ ଏହିଁର ଅଧେ ଜମିଦାର ଓ ଅଧେ ପ୍ରଜାକୁ ଦେଣପଡିବ ଅର୍ଥାତ୍ ଯେଉଁ ପ୍ରଜା ଯେତେଟଙ୍କା ଖରଚ୍ଗକ ଦେରେ ୫ଙ୍କାପ୍ରତି ଅଧପଇସାଏ ଲେଖାଏ ସେତେକେସ ଜମିଦାର ଠାରେ ଦାଖଲକରିବ ।

ସେହିଁ ପ୍ରଜାକୁ କେତେ ଦେଣ ପଡିବ ଏଥିର ବସ୍ତାରିତ ବର୍ଣ୍ଣପତ୍ର ପ୍ରଜାମାନଙ୍କୁ ଦଅଯିବ ନାହିଁ ଜମିଦାରଠାରେ କାଗଜ ଦେଖି ସେମାନେ କର ଦେବେ ଓ ଯେବେ କୌଣସିପ୍ରକାର ସନ୍ଦେହ ହୁଅଇ ସେ ସରକାରରେ କାଗଜ ଦେଖିପରିବ ମାତ୍ର ଅମ୍ଭେମାନେ ଶୁଣୁଅଛୁ ଯେ କେତେକ ସ୍ଥଳରେ ଜମିଦାର ଅପଣା ଦାଖଲ କାଗଜରେ ଏକ୍‌ପ୍ରକାର ଦେଖୁ ଗଣନା ଅଧିକକରି ଲେଖି ଦେଇଅଛନ୍ତି । ଏସ୍ଥଳରେ ଗବର୍ଣ୍ଣମେଣ୍ଟ କି କରିବେ ବୁଝି ହେଣା ନାହିଁ । ବୋଧ ହୁଅଇ କୌଣସିକାଳରେ ଏହା ପ୍ରକାଶ ହେଲେ ଜମି-ଦାର ମିଥ୍ୟା କାଗଜ ଦେଇଥିବାର ଦଣ୍ଡ ଭୋଗ କରିବ ।

---

ବାଲେଶ୍ୱରର କଲେକ୍ଟର ବିମ୍‌ସସାହେବ ସର୍ବବିଷୟରେ ଚତୁର ଦେଖାଯାନ୍ତି । ଗବର୍ଣ୍ଣ-ମେଣ୍ଟ ଯାହା କିଛି ବିଧାନ କରୁ ଅଛନ୍ତି ତାହା ଓଡିଶା ମଧ୍ୟରେ ସର୍ବାଗ୍ରେ ବାଲେଶ୍ୱରରେ ଜାରି ହେବାର ଦେଖାଯାଏ । ରୋଡସେସ କମିଟୀ ବିଷୟ ଓ ତାହାଙ୍କ ଅଧିବେଶନ ଅଗ୍ରେ ବାଲେଶ୍ୱରରେ ହେଲା ଓ ଶିକ୍ଷା ସମ୍ବନ୍ଧୀୟ ନୂତନ ପ୍ରଣାଳୀ ଅଗ୍ରେ ସେହିଠାରେ ପ୍ରଚଳ ହୋଇ ଅଛି । କଟକରେ କିଛି ଅବଧି ହୋଇ ନାହିଁ । କିନ୍ତୁ ବାଲେଶ୍ୱରରେ ଶ୍ରୀଯୁକ୍ତ ବିମ୍‌ସ ସାହେବ ଡେପୁଟୀ ଇନସ୍‌ପେକ୍ଟରଙ୍କୁ ଯଥା ବିଧାନ ଉପ-ଦେଶ ଦେଇ ବାଲେଶ୍ୱରର ସଦର ଥାନା ଓ ଭଦ୍ରକ ସଦର ଥାନା ଏଲାକାରେ ପାଠଶାଳାର ଧାର୍ଯ୍ୟ ଜାରି କରି ଦେଲେଣି । ଅବଧାନମାନଙ୍କୁ ବାର୍ଷିକ ୫ ୧୫ ଟଙ୍କାରୁ ଅଧିକ ଦେବେ ନାହିଁ ବୋଲି ସ୍ଥିର କରି ଅଛନ୍ତି ଓ ସମସ୍ତ ଅବଧାନ ମଧ୍ୟ ୫ ୧୫ ଙ୍କା ପାଇବେ ନାହିଁ ଏଥି ମଧ୍ୟରେ ଯାହାକୁ ଯେମନ୍ତ ଦେଖି ଦେବାକୁ ହେବ । ଅବଧାନମାନଙ୍କୁ ବର୍ତ୍ତମାନ କିଛି ପରୀକ୍ଷା ଦିଅ-ଯିବ ନାହିଁ ଓ ବର୍ତ୍ତମାନ ସେମାନେ ଯେଉଁ ପ୍ରଣାଳୀରେ ଶିକ୍ଷା ଦଅନ୍ତି ସେହି ପ୍ରଣାଳୀରେ ଦେବେ ଇନସ୍ପେକ୍ଟରଙ୍କ ସୁଶିକ୍ଷିତ ଅବଧାନ ନିଯୋ-ଗ କରିବାର ଉପାୟ ହେବ । ପାଠଶାଳାରେ ଭାଗବତ ପଢାଯାଏ ବୋଲି ସାହେବ ଜଣ କରନ୍ତି ଅଛନ୍ତି ଓ ସେ ମନେ କରନ୍ତି ଯେ ସାଧାରଣ ବିଦ୍ୟାଳୟରେ ଧର୍ମସଂକ୍ରାନ୍ତ ଶିକ୍ଷା ଦେବା ବିଧି ନୁହେଁ ଅଟଇ ମାତ୍ର ସେ ଅଧିକ ଅନୁସନ୍ଧାନ କଲେ ଜାଣିପାରନ୍ତେ ଯେ ଭାଗବତ ପଢିବାରେ ଚାଟଶାଳୀ ପିଲାମାନେ କିଛିମାତ୍ର ଧର୍ମ ଶିକ୍ଷା ପାନ୍ତି ନାହିଁ କେବଳ ଅକ୍ଷର ପରିଚୟ କରି ପୋଥି ପଢି ପାରିବା ଉଦ୍ଦେଶରେ ତାହା ପଢନ୍ତି । ଭାଗବତ ନ ପଢି ଅନ୍ୟ ପୋଥି ପଢି-ଲେ ସେହି ଫଳ ହେବ କିନ୍ତୁ ଏଥିରେ ପିତା ଓ ଅଭିଭାବକ ଯେତେ ଭକ୍ତି ଭାବ କରୁଅଛନ୍ତି ତାହା ହୁଅନ୍ତା ନାହିଁ । ଭାଗବତ ହିନ୍ଦୁମାନଙ୍କ ମଧ୍ୟରେ ଅତି ମାନ୍ୟ ଧର୍ମପୁସ୍ତକ ତାହା ପୂର୍ବ ପଢୁଅଛି ଏକଥା ପିତା ମନରେ ପଡିଲେ ବହୁ ଆନନ୍ଦିତ ହୁଅଇ ମାତ୍ର ବାସ୍ତବରେ ମୂଳ ବର୍ଣ୍ଣ-

Digitized by srujanika@gmail.com

ପରନ୍ତୁ ଉକ୍ତ ବିଷୟରେ ଗୋଟିଏ କଥା ସ୍ମରଣ ହୁଏ ନାହିଁ । ଏପରି ଅବସ୍ଥାରେ ଭଗବତ ଘୋଷ ଟେକ୍କାରେ ବିଶେଷ ଦୋଷ ହୋଇ ନ ପାରେ ବରଂ ପିଲାମାନଙ୍କ ରକ୍ଷକ ଇତ୍ୟାଦି ପିଲଙ୍କୁ ବିଦ୍ୟାଳୟକୁ ପଠାଇବାପାଇଁ ଅଧିକ ଅଭିଳାଷୀ ହୁଅନ୍ତି । ଯାହା ହେଉ ବମ୍ସ ସାହେବଙ୍କ ଉତ୍ତମ କାର୍ଯ୍ୟର ଅନ୍ୟ ଗୋଟିଏ ଦୃଷ୍ଟାନ୍ତ ଏହି ଯେ ନୂତନ ପ୍ରଣାଳୀରେ ବିଦ୍ୟାଶିକ୍ଷା କମିଟୀ କୌଣସି ସ୍ଥଳରେ ନିଯୁକ୍ତ ନ ହେଉଣୁ ବାଲେଶ୍ୱର ଶିକ୍ଷା କମିଟିର ସଭ୍ୟଙ୍କ ନାମ ଗବର୍ଣ୍ଣମେଣ୍ଟ ଗେଜେଟରେ ପ୍ରକାଶିତ ହେଲା । ଆମ୍ଭେମାନେ କଲିକତା ଗେଜେଟରୁ ସଭ୍ୟଙ୍କ ନାମ ଉଦ୍ଧୃତ କରି ଏଠାରେ ଲେଖୁଅଛୁଁ ଯଥା—

ବାଲେଶ୍ୱର କଲେକ୍ଟର ଅଫିସିଏଟିଂ କଲେକ୍ଟର, ସିଭିଲ ସର୍ଜନ, ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଓ ବିଦ୍ୟାଳୟର ଡେପୁଟୀ ଇନସ୍ପେକ୍ଟର, ଭଦ୍ରକର ଅସିଷ୍ଟାଣ୍ଟ କଲେକ୍ଟର, ପାଦ୍ରୀ ସ୍ମିଥ, ମି ମ୍ୟାକନେଣ୍ଟ ଓ ବାବୁ ବୃନ୍ଦାବନଚନ୍ଦ୍ର ମଣ୍ଡଳ, ପ୍ରସନ୍ନକୁମାର ଘୋଷାଲ, ମଦନମୋହନ ଦାସ, ଧ୍ୟାନାନନ୍ଦ ଦେ, ବୈକୁଣ୍ଠନାଥ ଦେ, ଫକୀରମୋହନ ସେନାପତି, ଦ୍ୱାରକାନାଥ ସେନ, ଅଟଳଚନ୍ଦ୍ର ଚଟ୍ଟୋପାଧ୍ୟାୟ, ଯଦୁନାଥ ଦାସ, ମୁନ୍ସୀ ଗୋଲାମ ମସ୍ତଫା ଖାଁ, ମୈଥିଳୀ ସୁନ୍ଦରନାରାୟଣ ରାୟ, ବାବୁ କୈଳାସଚନ୍ଦ୍ର ରାୟ ମହାଶୟ, ମୁନସୀ ଅବଦୁଲଗନି ଓ ବାବୁ ହରାଇଚରଣ ଘୋଷ ।

---

ମୁସଲମାନଙ୍କ ଶିକ୍ଷା ।

ଭାରତବର୍ଷୀୟ ମୁସଲମାନମାନେ କିମ୍ପେ ଶିକ୍ଷାରେ ହିନ୍ଦୁମାନଙ୍କ ସମକକ୍ଷ ହେବେ ଏହି କଥା ଅଧୁନା ଗବର୍ଣ୍ଣମେଣ୍ଟଙ୍କ ମନରେ ବଡ଼ ଲାଗିଅଛି । ଏ କାରଣରୁ ଏତେଦିନେ ମୁସଲମାନଙ୍କ ଉପରେ ଗବର୍ଣ୍ଣମେଣ୍ଟଙ୍କ ସୁଦୃଷ୍ଟି ପଡ଼ିଲା ଲୋକେ ନାନାରୂପ ବିବେଚନା କରୁଅଛନ୍ତି ମାତ୍ର ଆମ୍ଭେମାନେ ସେସବୁକୁ ଏକାବେଳକେ ଅଗ୍ରାହ୍ୟ ନ କଲେ ହିଁ ଅନୁମାନ କରୁଅଛୁଁ ଯେ ସେଥିରୁ ମୂଳ କାରଣ ନୁହଇ । ଫଳତଃ ଗବର୍ଣ୍ଣମେଣ୍ଟ ସେନ୍ସସଂଖ୍ୟା ଓ ଅନ୍ୟାନ୍ୟ ତାଲିକା ପତ୍ର ଦେଖି ଦେଖିଅଛନ୍ତି ଯେ ମୁସଲମାନଙ୍କ ସଂଖ୍ୟା ଅନୁସାରେ ସେମାନଙ୍କ ମଧ୍ୟରେ ଲେଖାପଢ଼ାର ଚର୍ଚ୍ଚା ଦେଖାଯାଉ ନାହିଁ ଓ ଗବର୍ଣ୍ଣମେଣ୍ଟ ସ୍ଥାପିତ ବିଦ୍ୟାଳୟମାନଙ୍କରେ ମୁସଲମାନଙ୍କ ସଂଖ୍ୟା ନିତାନ୍ତ ଊଣା ବୋଲିବାକୁ ହେବ । ମୁସଲମାନଙ୍କର ଏହିପରି ଦୁରବସ୍ଥା ମୋଚନ କରି ସେମାନଙ୍କୁ ଅଧିକ ପରିମାଣରେ ଶିକ୍ଷାଦାନଦ୍ୱାରା ଉନ୍ନତ କରିବାପାଇଁ ଗବର୍ଣ୍ଣମେଣ୍ଟଇଣ୍ଡିଆ ନିଜେ ଚେଷ୍ଟିତ ଓ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କୁ ଏ ବିଷୟରେ ଆଜ୍ଞା ପଠାଇଅଛନ୍ତି ମାତ୍ର କି ଉପାୟ ଅବଲମ୍ବନ କଲେ ଗବର୍ଣ୍ଣମେଣ୍ଟଙ୍କ ଅଭୀଷ୍ଟ ସାଧନ ହେବ ତାହା କିଛି କହି ନ ଥିବାରୁ ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନେ ସ୍ୱେଚ୍ଛାମତ ଉପାୟ କରୁଅଛନ୍ତି ମାନ୍ଦ୍ରାଜଗବର୍ଣ୍ଣମେଣ୍ଟ ମୁସଲମାନଙ୍କପାଇଁ ପୃଥକ୍ କେତେଗୋଟି ବିଦ୍ୟାଳୟ ସ୍ଥାପନ କରିବାର ବ୍ୟବସ୍ଥା କରୁଅଛନ୍ତି । ଆମ୍ଭମାନଙ୍କର ଲେଫ୍ଟେନେଣ୍ଟ ଗବର୍ଣ୍ଣର ମାନ୍ଦ୍ରାଜଗବର୍ଣ୍ଣମେଣ୍ଟଙ୍କର ଉଦାହରଣ ହେଲେହେଁ ମୁସଲମାନଙ୍କ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟ ବସାଇବାକୁ ନ୍ୟାୟସିଦ୍ଧ ଜ୍ଞାନ କରୁ ନାହାନ୍ତି । ଶାସ୍ତ୍ରୀକ ଉଡ୍ରୋସାହେବ ଏକ୍ଟିଂ ଡାଇରେକ୍ଟର କେଞ୍ଚେଷ୍ଟଙ୍କ ଏ ଅଭିନବ ଉପାୟ ଗବର୍ଣ୍ଣମେଣ୍ଟଙ୍କୁ ଲେଖି ପଠାଇଥିଲେ ତନ୍ମଧ୍ୟରେ ଅତିଶୟ କୌତୁକଜନକ ଉପାୟ ଏହି ଥିଲା ଯେ ଯେଉଁ ଡେପୁଟୀଇନସ୍ପେକ୍ଟରଙ୍କ ଇଲାକାରେ ମୁସଲମାନ ଛାତ୍ରଙ୍କ ସଂଖ୍ୟା ଯଥାପରିମାଣରେ ନ ହେବ ତାହାଙ୍କୁ ପଦୋନ୍ନତ ଦିଆଯିବ ନାହିଁ ଓ ବିଦ୍ୟାଳୟରେ ପାଠକରି ଯେଉଁ ମୁସଲମାନଛାତ୍ରମାନେ ଉତ୍ତମରୂପେ ପରୀକ୍ଷା ଦେବେ ସେମାନଙ୍କୁ ପାରିତୋଷିକ ସ୍ୱରୂପ ନଗଦ ଟଙ୍କା ଦିଆଯିବ ଲେଫ୍ଟେନେଣ୍ଟ ଗବର୍ଣ୍ଣର ଯଥାର୍ଥ ବିଚାରପୂର୍ବକ ଏପ୍ରକାର ମନ୍ତ୍ରଣାକୁ ଗ୍ରହଣ କରି ନାହାନ୍ତି ଏତ ଆନନ୍ଦର ବିଷୟ ଅଟଇ । ତାହା କରିଥିଲେ ଶାସନପ୍ରଣାଳୀରେ ଦୋଷ ପଡ଼ନ୍ତା । ମୁସଲମାନଙ୍କ ଶିକ୍ଷାବିଷୟରେ ବ୍ୟସ୍ତ ହେବାର କାରଣ ଏହି ଯେ ହିନ୍ଦୁ ମୁସଲମାନ ସମସ୍ତେ କର ଦେଉଅଛନ୍ତି । କେବେ କର ଦେବାଦ୍ୱାରା ଯେ ସମସ୍ତ ଉପକାର ଲୋକ ପାଉଅଛନ୍ତି ତହିଁରୁ ମୁସଲମାନମାନେ କାହିଁକି ବଞ୍ଚିତ ହେବେ ? ଏ କଥାଟି ଉତ୍ତମ ଅଟଇ କିନ୍ତୁ ମୁସଲମାନଙ୍କୁ ଉତ୍ସାହ ଦେବାପାଇଁ ସାଧାରଣ ଧନରୁ ପାରିତୋଷିକ ଦେଲେ ପକ୍ଷପାତିତା ପ୍ରକାଶ ପାଆନ୍ତା । ଆମ୍ଭେମାନେ ବୋଧ କରୁଁ ଯେ ମୁସଲମାନମାନେ ଅଧିକ ଶିକ୍ଷା କରୁ ନାହାନ୍ତି ବୋଲି ତହିଁରେ ଗବର୍ଣ୍ଣମେଣ୍ଟଙ୍କର କିଛି ଦୋଷ ନାହିଁ । ଗବର୍ଣ୍ଣମେଣ୍ଟ ବିଦ୍ୟାଳୟମାନ ସମସ୍ତଙ୍କପାଇଁ ଖୋଲି ଅଛନ୍ତି କୌଣସି ସମ୍ପ୍ରଦାୟର ଲୋକଙ୍କୁ ପଢ଼ିବାପାଇଁ ନିଷେଧ ନାହିଁ କିନ୍ତୁ ମୁସଲମାନେ ଯେବେ ନ ପଢ଼ିବେ ତହିଁରେ କାହାର ଦୋଷ ? ମୁସଲମାନମାନେ ଯେ ହେତୁରୁ ବିଦ୍ୟା ଶିକ୍ଷା କରିବାକୁ ଅନିଚ୍ଛୁକ ହେଉ ନାହାନ୍ତି ଏଥିର ହେତୁର ପ୍ରଦାନ କରିବା ବଡ଼ କଠିନ ଅଟଇ । ଆମ୍ଭେମାନେ ଅନେକ ଚିନ୍ତା କରି ସ୍ଥିର କରିପାରୁ ନାହୁଁ ତେବେ ଏମନ୍ତ ଅନୁମାନ ହେଉଅଛି ଯେ ସେମାନେ ଆପଣା କୁଳଧର୍ମର ଭ୍ରାନ୍ତିମୂଳକ ବିଶ୍ୱାସର ବଶବର୍ତ୍ତୀ ହୋଇ ଅନ୍ୟ ଜାତୀୟ ଲୋକର ଭାଷାକୁ ଶିକ୍ଷିବାକୁ ଘୃଣା କରନ୍ତି । ଯେତେବେଳେ ପାରସୀଭାଷା ସରକାରୀ ମହକୁମାମାନଙ୍କରେ ପ୍ରଚଳିତ ଥିଲା ସେତେବେଳେ ମୁସଲମାନଙ୍କ ମଧ୍ୟରେ ବିଦ୍ୟାଶିକ୍ଷାର ପ୍ରଚୁର ଆଦର ଥିଲା । ବର୍ତ୍ତମାନ ସେ ସବୁ ଭାଷା ଉଠିଯିବାରୁ ଉଦରପୋଷଣ ନିମନ୍ତେ କେତେକ ଲୋକ ଅନନ୍ୟୋପାୟ ହୋଇ ଇଂରାଜୀ ବା ଦେଶୀୟ ଭାଷା ଶିଖିବାକୁ ଆରମ୍ଭ କଲେଣି କେତେଲୋକ ସରକାରୀ ମହକୁମାରେ ଅମଲା ମୁକ୍ତାର ପ୍ରଭୃତି ପଦରେ ନିଯୁକ୍ତ ରହି ଦେଶୀୟ ଭାଷାରେ କାମ ଚଳାଉ ଅଛନ୍ତି । ମାତ୍ର ଅଧିକାଂଶ ଲୋକଙ୍କ ମନରୁ ପୂର୍ବର କୁସଂସ୍କାର ଯାଇ ନାହିଁ । ଆଉ ଗୋଟିଏ ମୁସଲମାନଙ୍କ ଦୋଷ ଏହି ଯେ ପରର ଚାକରି ଭିନ୍ନ ଏମାନେ ଅନ୍ୟ ବ୍ୟବସାୟରେ ଲିପ୍ତ ହେବାକୁ ଶୁଣା ଯାନ୍ତି ନାହିଁ । ଉଡ଼ିଶାର ଉଦାହରଣ ଏହି ଯେ ହିନ୍ଦୁଲୋକ ନାନାପ୍ରକାର କୃଷି ଓ ବାଣିଜ୍ୟଦ୍ୱାରା ଧନୀ ହେଉ ଅଛନ୍ତି କିନ୍ତୁ ମୁସଲମାନଙ୍କୁ ଏସବୁ କରିବାର ଦେଖାଯାଏ ନାହିଁ ଓ ଯେଉଁମାନେ କରନ୍ତି ତାହାଙ୍କ ସଂଖ୍ୟା ହାରାହାରିରେ ଅତ୍ୟଳ୍ପ ଅଟଇ । ଯେଉଁ ସମ୍ପ୍ରଦାୟର ଅଧିକାଂଶ ଲୋକ ପରର ସେବା କରନ୍ତି ପୁଣି ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ଯେଉଁକାର ସେବା କରନ୍ତି ତହିଁପାଇଁ ବିଦ୍ୟାର କିଛି ପ୍ରୟୋଜନ ନାହିଁ ସେ ସମ୍ପ୍ରଦାୟର ଲୋକଙ୍କ ମନରେ କାହିଁକି ବିଦ୍ୟାଶିକ୍ଷାର ଉଦୟ ହେବ ସୁତରାଂ ସେମାନେ ବିଦ୍ୟାଶିକ୍ଷାକୁ କଦାଚ ଆଦର କରୁ ନାହାନ୍ତି । ଏ ଦୁର୍ଦ୍ଦଶା ମୋଚନର ଉପାୟ ଗବର୍ଣ୍ଣମେଣ୍ଟଙ୍କ ହସ୍ତରେ ନାହିଁ । ମୁସଲମାନମାନେ ସ୍ୱୟଂ ଯେତେବେଳେ ଆପଣା ଅବସ୍ଥାର ପ୍ରକୃତ ପର୍ଯ୍ୟାଲୋଚନା କରିବେ ସେତେବେଳେ ସେମାନଙ୍କର ବୁଦ୍ଧିଶୁଦ୍ଧି ଜାତ ହେବ ଓ ହିନ୍ଦୁମାନଙ୍କ ପରି କେବଳ ଓ ଅଦ୍ୟାବଧି ନ୍ୟସ୍ତ ହୋଇ ବିଦ୍ୟାଳୟରେ ଶିକ୍ଷା କରିବାକୁ ଯିବେ । ସେକାଳ ପର୍ଯ୍ୟନ୍ତ ଅପେକ୍ଷା ଉଚିତ ହେବ କିନ୍ତୁ ଗବର୍ଣ୍ଣମେଣ୍ଟ ସେମାନଙ୍କ ନିମନ୍ତେ କୌଣସି ବିଶେଷ ଉପାୟ କରି ନ ପାରନ୍ତି ଯାହାଦ୍ୱାରା ସେ ହିନ୍ଦୁମାନଙ୍କ ଦୃଷ୍ଟିରେ ତାହା ପକ୍ଷପାତ ଆଚରଣ ବୋଲି ଅନୁମାନ ଜ୍ଞାନ ହେବ ।

Digitized by srujanika@gmail.com

Split by PDF Splitter



## ଆଦର୍ଶକ୍ଷେତ୍ର

ପାଠକମାନଙ୍କୁ ଜଣାଥିବ ଯେ ଗତବର୍ଷ ଗ୍ରାମ୍ସ୍ଲି ହଡ଼ସନ୍ ସାହେବ ବଙ୍ଗଦେଶରେ ଆଦର୍ଶ କ୍ଷେତ୍ର ସ୍ଥାପନ କରିବା ବିଷୟରେ ଗବର୍ଣ୍ଣମେଣ୍ଟରେ ଏକ ପ୍ରସ୍ତାବ କରିଥିଲେ। ବଙ୍ଗଲା ଗବର୍ଣ୍ଣମେଣ୍ଟ ସ୍ଥାନୀୟ କମିସନର ଓ ଅନ୍ୟାନ୍ୟ କର୍ମଚାରୀଙ୍କଠାରୁ ମତ ପ୍ରାର୍ଥନା କରିଥିଲେ। ସେମାନଙ୍କ ମତ ପ୍ରାପ୍ତ ହୋଇ ଗବର୍ଣ୍ଣମେଣ୍ଟ ଇଣ୍ଡିଆକୁ ଯେଉଁ ରିପୋର୍ଟ ପଠାଇ ଥିଲେ ଗତ ମାସର ଶେଷ ଗେଜେଟରେ ପ୍ରକାଶିତ ହୋଇଅଛି। ଅମ୍ଭେମାନେ ଉକ୍ତ ରିପୋର୍ଟ ତତ୍ସମ୍ବନ୍ଧୀୟ ଅନ୍ୟାନ୍ୟ କାଗଜାତ ପାଠକରି ଅତିଶୟ ଆନନ୍ଦିତ ହୋଇ ଅଛୁଁ। ଶ୍ରୀଯୁକ୍ତ ଲେପ୍ଟେନାଣ୍ଟ ଗବର୍ଣ୍ଣରସାହେବ ଏଥିରେ ଯେରୂପ ମହତ୍ତ୍ୱର ପ୍ରଦର୍ଶନ କରି ଅଛନ୍ତି ଯେବେ ସକଳ ବିଷୟରେ ଏହିପରି ବିବେଚନା ପୂର୍ବକ କାର୍ଯ୍ୟ କରନ୍ତେ ତେବେ ତାହାଙ୍କ ବିରୁଦ୍ଧରେ ଯେତେ କଥା ଶୁଣାଯାଉ ଅଛି ତାହା କିଛି ଶୁଣାଯାନ୍ତା ନାହିଁ। ମାନ୍ୟବର କାମ୍ପ୍‌ବେଲସାହେବ ଯଥାର୍ଥ କହି ଅଛନ୍ତି ଯେ ୧୦୦୦ ଏ ଭୂମିରେ ଆଦର୍ଶକ୍ଷେତ୍ର କରିବା କେବଳ ଅନର୍ଥକ ବ୍ୟୟ କରିବା ଅଟଇ ତହିଁରେ କିଛି ଫଳ ହେବ ନାହିଁ। ଏଠାରେ କହିବାର ସ୍ଥିର ଏହି ଯେ ଏତେ ପରିମାଣରେ କ୍ଷେତକୁ ସୁଚାରୁ ଓ ଅଧିକ ପରିମାଣର କ୍ଷେତ କୌଣସି ଦେଶରେ ସଫଳ ହୁଅଇ ନାହିଁ ଭାରତବର୍ଷରେ ଅବା କି ହେବ। ଅତଏବ ଗବର୍ଣ୍ଣମେଣ୍ଟ ସ୍ଥିର କରି ଅଛନ୍ତି ଯେ କୌଣସିଠାରେ ଗୋଟିଏ ଆଦର୍ଶ କ୍ଷେତ୍ରର ପରିମାଣ ମା ୨୦୦ ଏକରୁ ଅଧିକ ହେବ ନାହିଁ ଓ ସାଧାରଣରେ ଗୋଟିଏ ଲେଖାଏଁ କ୍ଷେତ ମା ୫ ଏ ରୁ ମା ୧୦ ଏକରୁ ଅଧିକ ହେବ ନାହିଁ ଏ ବିଷୟରେ ହଣ୍ଟର କମିସନର ଯାହା ପ୍ରସ୍ତାବ କରି ଅଛନ୍ତି ଗବର୍ଣ୍ଣମେଣ୍ଟ ତାହାକୁ ବଡ ପସନ୍ଦ କରି ଅଛନ୍ତି। ଅମ୍ଭେମାନେ ରେବେନ୍‌ସାସାହେବ କମିସନରଙ୍କ ପ୍ରସ୍ତାବ ତଳେ ପ୍ରକାଶ କରୁଅଛୁଁ ତହିଁରୁ ପାଠକମାନେ ଦେଖିବେ ଯେ ଅମ୍ଭମାନଙ୍କ କମିସନର ଉତ୍ତମ ଯୁକ୍ତି ପ୍ରଦର୍ଶନ ପୂର୍ବକ ଯଥାର୍ଥ ପ୍ରସ୍ତାବମାନ କରି ଅଛନ୍ତି ଓ କାର୍ଯ୍ୟତଃ ତାହା ଜିଉନରୂପେ ସହଜ ହୋଇପାରେ ଏମନ୍ତ ନୁହେ ତଥାପି ଗବର୍ଣ୍ଣମେଣ୍ଟଙ୍କର ଉଦ୍ଦେଶ୍ୟ ଯଥାସାଧ୍ୟ ସଫଳ ହୋଇ ପାରେ ତହିଁରୁ ଅଧିକ ଆଉ କୌଣସିରୂପେ ହେବାର ନୁହଇ ଗବର୍ଣ୍ଣମେଣ୍ଟ ବଙ୍ଗାଳ ଏ ସବୁ କଥା ବିବେଚନା କରି ପାଞ୍ଚୋଟି ପ୍ରସ୍ତାବ କରି ଅଛନ୍ତି। ଯଥା—

୧—ରେବେନସା ସାହେବଙ୍କ ମତାନୁଯାୟୀ ଘୋଟିଏ କ୍ଷେତ୍ର ସ୍ଥାପନକରିବା।

୨—ମେଦିନୀପୁର ଜିଲାରେ କାଲଥାଇରେ ଗୋଟିଏ ମା ୧୦୦ ଏକର ବୃହତ୍କ୍ଷେତ୍ର ଓ ତହିଁ ସଙ୍ଗେ ହେଭେଷ୍ଟଭଏ ଖେଟ୍ ଉଇଘ କ୍ଷେତ୍ର।

୩—ସାହାବାଦ ଜିଲାରେ ଡୋନନାଲଥାଇରେ ଗୋଟିଏ ଅପରିମିତ ପରିମାଣର କ୍ଷେତ୍ର।

୪—ଖାସିପର୍ଗଣାରେ ଗୋଟିଏ ଛୋଟ ଆଦର୍ଶ କ୍ଷେତ୍ର।

୫—ଖାସମାହାଲ ଓ କୋର୍ଟ୍କାମାହାଲରେ ଗୋଟିଏ ଆଦର୍ଶ ମୌଜା।

ଏ ସବୁକ୍ଷେତ୍ର ସ୍ଥାପନକରି ପାଞ୍ଚବର୍ଷ ପରୀକ୍ଷା କରି ଦେଖିବାକୁ ହେବ ଏଥିରେ କଟକଜିଲାରେ ଅନୁମାନିକ ବ୍ୟୟ ଟ୧୩୨୫୦ ଙ୍କା, ମେଦିନୀପୁର ଓ ସାହାବାଦରେ ଟ ୨୩୦୦୦ ଙ୍କା ଓ ଖାସିପର୍ଗଣାରେ ଟ୩୧୫୦୦ ଙ୍କା ମୋଟ ଟ୧୦୭୭୫୦ ବ୍ୟୟ ହେବ। ଲେପ୍ଟେନାଣ୍ଟ ଗବର୍ଣ୍ଣର କୋହନ୍ତି ଯେ ଏ ବ୍ୟୟ ସମୁଦାୟ ଗବର୍ଣ୍ଣମେଣ୍ଟଙ୍କୁ ସହିବାକୁ ହେବ ଓ ଯେବେ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ପଚାଶହଜାରଟଙ୍କା ଦିଅନ୍ତି ତେବେ ବାକିଟଙ୍କା ବଙ୍ଗାଳଗବର୍ଣ୍ଣମେଣ୍ଟ ଦେବେ। ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଏ ପ୍ରସ୍ତାବରେ ସମ୍ମତ ହୋଇ ଅଛନ୍ତି ଅତଏବ ଭରସା ଯେ ଅବିଲମ୍ବରେ ଏସବୁ କାର୍ଯ୍ୟାରମ୍ଭ ହେବ ଓ ଏଥି ପାଇଁ ବିଲାତରୁ ଦୁଇଜଣ ସୁଶିକ୍ଷିତ କୃଷକ ଆଣିବାର ଉପାୟ ହୋଇଅଛି। ଏମାନେ କୃଷି ଓ ତଦନୁସଙ୍ଗିକ ଶାସ୍ତ୍ରରେ ଅସ୍ମଦ୍ଦେଶୀୟ ଲୋକଙ୍କୁ ଶିକ୍ଷା ଦେବେ। କ୍ରମେ ଏ ଦେଶରେ ଶିକ୍ଷିତଲୋକ ପ୍ରସ୍ତୁତ ହେଲେ ସମସ୍ତ ଗବର୍ଣ୍ଣମେଣ୍ଟସ୍କୁଲ ଓ କାଲେଜରେ କୃଷିବିଦ୍ୟାର ଶିକ୍ଷା ଦିଆଯିବ।

ଉପରେ ଯାହା ଲେଖାଗଲା ଏହା ସାଧାରଣ ବ୍ୟବସ୍ଥା ଅଟଇ। ଏଥିରୁ ଓଡ଼ିଶା ପାଇଁ ଶ୍ରୀଯୁକ୍ତ ରେବେନସା ସାହେବ କମିସନର ଯାହା ପ୍ରସ୍ତାବ କରିଅଛନ୍ତି ଓ ଗବର୍ଣ୍ଣମେଣ୍ଟରେ ତାହା ମନୋନୀତ ହୋଇଅଛି। ତହିଁର ବିବରଣ ଲେଖୁଅଛୁଁ।

ରେବେନସାସାହେବ ତିନି କଲେକ୍ଟରମାନଙ୍କର ଓ କେନାଲ ରେବେନ୍ୟୁ ସୁପରିଣ୍ଟେଣ୍ଡେଣ୍ଟଙ୍କ ମତ ଗ୍ରହଣ ପୂର୍ବକ ସ୍ଥିର କରିଅଛନ୍ତି ଯେ ବୃହତ୍ ଆଦର୍ଶକ୍ଷେତ୍ରର ବିଧାନ ଏ ଦେଶରେ ଉଚିତ ନାହିଁ। ଏଠାରେ ଏ ପ୍ରକାର ଜମି ମିଳିବାର କଠିନ ଓ ମିଳିଲେ ସୁଦ୍ଧା ତେମନ୍ତ ଶିକ୍ଷିତ କୃଷକ ଏ ଦେଶରେ ନାହିଁ ଯେ ତହିଁର ତତ୍ତ୍ୱାବଧାରଣ କରିବ। ପୁନଶ୍ଚ ଓଡ଼ିଆମାନେ ନିତାନ୍ତ ପୂର୍ବପ୍ରଚଳିତରୀତିର ଅନୁଗାମୀ ଓ ଗୃହପ୍ରିୟ। ଏମାନଙ୍କ ସ୍ଥାନରୁ ବୋ ୧୦।୨୦ କୋଶ ଅନ୍ତରରେ ଯେଉଁ ଆଦର୍ଶକ୍ଷେତ୍ର ହେବ ତାହା ଅନେକାଂଶରେ ନେବା ଭୁଲ ହେବ କାରଣ ଏମାନେ ତେତେଦୂର ଯାଇ କ୍ଷେତ୍ର ଦେଖିବେ ନାହିଁ କି ତହିଁର ବୃତ୍ତାନ୍ତ ସୁଦ୍ଧା ଶୁଣିବେ ନାହିଁ। ଅତଏବ ଏମାନଙ୍କ ନିକଟରେ ଆଦର୍ଶକ୍ଷେତ୍ର ଦରକାର ଉଚିତ ଓ ତାହା ଏମନ୍ତ ହେବ କି ଯହିଁରେ ଉତ୍ତମ କାର୍ଯ୍ୟ ହୋଇ ପାରେ।

ଏହି ସବୁ ବିବେଚନାରେ କମିସନର ସାହେବ ପ୍ରସ୍ତାବ କରିଅଛନ୍ତି ଯେ ପ୍ରତ୍ୟେକ ଜିଲା ଓ ବଡ଼ଗାଁଗାଁଇଲ ପାଖରେ ଜଣେ ଉପଯୁକ୍ତ କୃଷକ କରିବା ଉଚିତ ଅଠ କି ଦଶମାଣ ଲେଖାଏଁ ପରିମାଣର ଗୋଟିଏ ଗୋଟିଏ କ୍ଷେତ୍ର [illegible] କରିବାକୁ ହେବ। ସେହି କ୍ଷେତ୍ରର ପ୍ରଜାଙ୍କୁ ତହିଁରେ କର୍ମ କରିବା ପାଇଁ ନିଯୁକ୍ତ କରାଯିବ ଓ ଯେଉଁ ସମୟରେ ଯାହା କରିବାର ଉଚିତ ତାହା ତାହାକୁ ଶିଖାଇ ଦିଆଯିବ। ତାହାକୁ ଯେମନ୍ତ ସମ୍ପୂର୍ଣ୍ଣ ଦିଆଯିବ ଇଚ୍ଛାନୁସାରେ କର୍ମ କରିବାକୁ ସେ ସମ୍ମତ ହେଲଠାରୁ କେତେ ଗୁଡ଼ିଏ ବୁଦ୍ଧିମାନ ଓ ଅନୁରାଗଶୀଳ ବ୍ୟକ୍ତି ତାହା ନିକଟରେ କର୍ମ କରିବେ। ଏପରି ଜମି ଓ ପ୍ରଜା ପ୍ରାପ୍ତ ହେଲଠାରୁ ଗବର୍ଣ୍ଣମେଣ୍ଟ ତାହାର ଜମିର ଖଜଣା, ଲଙ୍ଗଳ, ବୀହନ ଇତ୍ୟାଦି ସମସ୍ତ ଖର୍ଚ୍ଚ ଦେବେ ଓ ସମୟେ ସମୟେ ଉପଯୁକ୍ତ ପରାମର୍ଶ ମଧ୍ୟ ଦେବେ ଓ ଜମିରୁ ଉତ୍ପନ୍ନ ଯାହା କିଛି ହେବ ସମୁଦାୟ ପ୍ରଜା ନେବ। ଏ ପ୍ରକାରେ ସେ କ୍ରମଶଃ ନାଲିଜଲର ଯଥାର୍ଥ ଲାଭ, ସାବଧାନ ପୂର୍ବକ ଶସ୍ୟ ଉତ୍ପାଦନର କ୍ରମ ଏବଂ ଉତ୍ତମ ବିହନ ଓ ଉଚିତ ପରିମାଣ ଖତର ଫଳମାନ ବୁଝି ପାରିବେ।

ଏହିପରି ମା ୧୦ ଏକର ଗୋଟିଏ କ୍ଷେତ୍ରର ଖର୍ଚ୍ଚା ବର୍ଷକୁ ନିମ୍ନଲିଖିତରୂପେ ପଡ଼ିବ ଯଥା—

| | |
|---|---|
| ଖଜଣା | ଟ ୧୫ ଙ୍କା |
| ଲଙ୍ଗଳ | ଟ ୨୦ ଙ୍କା |
| ବୀହନ ଇତ୍ୟାଦି | ଟ ୧୦ ଙ୍କା |
| ସାଏ | ଟ ୪୫ ଙ୍କା |

ଏହିରୂପ ଖ ୧୦ ଟି କ୍ଷେତ୍ରରେ ବାର୍ଷିକ

Digitized by srujanika@gmail.com

୧ ୩୬୦ଟା ଲସିବ ଓ ମାସିକ ଟ ୨୦୦ଙ୍କାରେ ଜଣେ ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତ ହେଲେ ବାର୍ଷିକ ସର୍ବପ୍ରକାର ବ୍ୟୟ ୧ ୩୦୦୦ ଙ୍କାର ଅଧିକ ହେବ ନାହିଁ । ଯେବେ ନାଇ ଓଲଙ୍କାର ସୁପରିଣ୍ଟେଣ୍ଡେଣ୍ଟ ଓ ତାହାଙ୍କ ଅଧୀନ କର୍ମଚାରୀଙ୍କ ଇତ୍ୟାଦିଥାରଣର ଦର ଦିଆଯାଏ ତେବେ ଅଳ୍ପ ଭିଣା ବ୍ୟୟରେ କାର୍ଯ୍ୟ ଚଳିବ ଓ ଓ ଡାକ୍ତରର ୧ଙ୍କା ସରକାରଙ୍କୁ ଦାଖଲ ଦେବାକୁ ହେବ ନାହିଁ । କେବଳ ଜମା ମୂଲ୍ୟରେ ଚାଲ ଚଳିଲେ ହେଲା ।

କୌଣସି ପ୍ରଜାଙ୍କୁ ଏରୂପ ସାହାଯ୍ୟ ଦୁଇବର୍ଷରୁ ଅଧିକ କାଳ ଦିଆଯିବ ନାହିଁ ଓ ଏହି ଦୁଇବର୍ଷରେ ସେ ଲାଭ ଦେଖିଲେ ଆପଣାସ୍ୱତ୍ତ୍ୱେ ନୂତନ ପ୍ରଣାଳୀ ଅବଲମ୍ବନ କରି କାର୍ଯ୍ୟ କରିବାର ସମ୍ଭବ ବୋଧ ହେଉଅଛୁ ଓ ଏହା ଅବର୍ଣ କ୍ଷେତର ଫଳ ଦେଖି ପାର୍ଶ୍ୱବର୍ତ୍ତୀ ପ୍ରଜାମାନେ ଇହାଁର ଅନୁସରଣ କରିବେ । ସୁତରାଂ କୃଷିକର୍ମର ସୁପ୍ରଣାଳୀ ବିସ୍ତାରିତ ହେବ ।

ଗବର୍ଣ୍ଣମେଣ୍ଟ ଶ୍ରୀ ରେଭେନସା ସାହେବଙ୍କ ଉପରିଲିଖିତ ପ୍ରସ୍ତାବମାନ ସମ୍ପୂର୍ଣ୍ଣରୂପେ ଅନୁମୋଦନ କରି ତଦନୁଯାୟୀ କାର୍ଯ୍ୟ ଆରମ୍ଭିବାକୁ ଆଜ୍ଞା ଦେଇଅଛନ୍ତି । ଏରୂପର ଶ ୩୦ ଶ୍ରୀ କ୍ଷେତ ଓଡିଶାରେ ପ୍ରସ୍ତୁତ ହେବ ଓ ପାଞ୍ଚବର୍ଷ ମଧ୍ୟରେ ଇହାଁର କି ଫଳ ହେବ ଦେଖାଗଲାଠାରୁ ପୃଥକ୍ ବିବେଚନା ହେବ । ଅମ୍ଭେମାନେ ଉପରଲିଖିତ ପ୍ରସ୍ତାବମାନଙ୍କପାଇଁ ଶ୍ରୀଯୁକ୍ତ କମିଶନର ସାହେବଙ୍କୁ ଯଥେଷ୍ଟ ଧନ୍ୟବାଦ ଦେଉଅଛୁଁ ଓ ଆମ୍ଭମାନଙ୍କର ଏକାନ୍ତ ବିଶ୍ୱାସ ଯେ ଏଥିର ସୁଫଳ ଲାଭ ହେବ । କମିଶନର ସାହେବ ଯେବେ କାଲିକଲର ବ୍ଲକରେ ଚୂଳ ପଡଥାନ୍ତେ ତେବେ କୌଣସି ଗୋଟାଏ ଗୋଲମାଲ କରି ଉଦ୍‌ଗ୍ରହ କାର ମତ ହୋଇଥିଲେ ଅନେକ ଅନିଷ୍ଟ ଜାତ ହୁଅନ୍ତା ।

---

# ସାପ୍ତାହିକ ସଂବାଦ ।

ଏ ନଗରରେ ଯେଉଁ ଜାପ ମାଡଥିଲା ଗତ ସପ୍ତାହରେ ସେ ମନ୍ଦ ପଡଅଛି । ଲୋକେ କହୁ ଅଛନ୍ତି ଯେ ଜ୍ୱର ବାଯ଼ି ମନ୍ଦ ପଡଅଛୁ ମାତ୍ର ତାହାର ଜାପ ନା ପଲାଇ ଅଛନ୍ତି ଏ ପକ୍ଷେ ଅସି ଉପଦ୍ରବ କରୁ ଥାଉଛି ।

ଶ୍ରୀଯୁକ୍ତ କମିଶନର ସାହେବ ଗତ ରବିବାର ଦେହକାଠ ଭ୍ରମଣ କରିବା ଯାତ୍ରା କରି ଅଛନ୍ତି ପ୍ରାୟ ଛଅମାସ ତାହାଙ୍କୁ ମୋଫସଲରେ ଭ୍ରମଣ କରିବାକୁ ହେବ ।

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ଆମ୍ଭମାନଙ୍କର କଲେକ୍ଟର ଶ୍ରୀଯୁକ୍ତ ମାକଫର୍ଶନ ସାହେବ ଏହି ମାସରେ ବିଲାତକୁ ଯାତ୍ରା କରିବେ । ସେ ଦୁଇବର୍ଷର ଛୁଟି ପ୍ରାର୍ଥନା କରି ଅଛନ୍ତି ମାକଫର୍ଶନ ସାହେବଙ୍କ ପରି ହାକିମ ଅଲ୍ପ ଅମ୍ଭେମାନେ ଯାଉଦା ଦେଖା ହେଉ ନାହିଁ ଏହାଙ୍କ ପ୍ରସ୍ଥାନରେ ଅତ୍ୟନ୍ତ ସର୍ବସାଧାରଣ ଦୁଃଖିତ ଅଛନ୍ତି ।

ଗଞ୍ଜାମଜିଲ୍ଲା ଡବିଟିର ଖଜାଞ୍ଚି କଟକନଗର ସନ୍ଦର୍ଶନ ନିମିତ୍ତ ଗତ ବୁଧବାର ଆଗମନ କରି ଅଛନ୍ତି ଶ୍ରୀକ୍ଷେତ୍ର ତୀର୍ଥ କରିବା ଏହାଙ୍କ ପ୍ରଧାନ ଉଦ୍ଦେଶ୍ୟ ଏଥିପାଇଁ ବାଟରେ ବନ୍ଧୁମାନଙ୍କୁ ଦେଖି ଏକା ଏ ନଗରକୁ ଆସିଅଛନ୍ତି ।

---

# ପ୍ରେରିତପତ୍ର ।

ମାନ୍ୟବର ଉତ୍କଳଦୀପିକା ସମ୍ପାଦକ ମହୋଦୟ ସମୀପେଷୁ ।

ବିନୟପୂର୍ବକ ନିବେଦନଂ

ମହାଶୟ ! ନିମ୍ନଲିଖିତ ସମ୍ବାଦକୁ ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାରେ ସ୍ଥାନ ଦାନ କରି ବାଧିତ କରିବା ହେବେ ।

ଗତମାସ ତା ୨୫ ଦିନେ ଉତ୍କଳହିତବାଦିନୀ ସଭା ପୁରସ୍କାର ବଣ୍ଟାଇଥିଲା । ଆମ୍ଭମାନଙ୍କର ଉକ୍ତ ସଭାର ସେକ୍ରେଟେରୀ ଅର୍ଥାତ୍ ଲେଲୋର୍ଡ ସିରସ୍ତାଦାର ଶ୍ରୀଯୁକ୍ତ ବାବୁ ଦାଉଏଲ ମହାନ୍ତି ଅଉ ଇନ୍‌ଷ୍ଟ୍ରେକ୍‌ସିଂ ସ୍କୁଲମାଷ୍ଟର ଶ୍ରୀ ହଦ୍ୟାଧର ମହାନ୍ତି ଏହି ଦୁଇଜଣଙ୍କର ଦୁଇଗୋଟି ବକ୍ତୃତାରେ ଉର୍ଦ୍ଧବାଦିଙ୍କ ହୋଇ ଯାହା ଉଣ୍ଡୁସ୍ ହେଲ ଇହାଁରେ ସଭାସଦମାନେ ସ୍ୱୀକୃତ ହେଲେ ।

ପ୍ରଥମତଃ । ଗଞ୍ଜାମଜିଲ୍ଲା ସ୍କୁଲଦେବାରମାନଙ୍କରେ ଉତ୍କଳ ସମ୍ପାଦକମାନଙ୍କର ଯାହାର୍ଯଣ ହେବ ଏ ବିଷୟରେ ଉତ୍କଳପାଠିଙ୍କୁ ସଭ୍ୟମାନେ ଅନୁରୋଧ କଲେ, ଉକ୍ତ ମହାଶୟ ସ୍ୱୀକୃତ ହୋଇଅଛନ୍ତି ବୋଲି ଫଳଦ୍ୱାରା ଦେଖାଯିବ ।

ଦ୍ୱିତୀୟତଃ । ଏଥିପୂର୍ବେ ମନ୍ଦ୍ରାଜରେ କୋଟିଏ ସଭା ହୋଇଥିଲା, ଇହାଁରେ ଓଡିଆମାନଙ୍କର ପକ୍ଷାବଲମ୍ବନ ପୂର୍ବକ ମହାମାନ୍ୟ, ଅର, ଏସ, ମାକ୍ଡୋନାଲ୍ଡ ସାହେବ ଗଞ୍ଜାମଜିଲ୍ଲାର ଭାଷା ଓଡିଆ ବୋଲି ଯୁକ୍ତି ପ୍ରଦର୍ଶନ କରିବାର ଜନ୍ୟ ପ୍ରାପ୍ତ ହୋଇଥିବାରୁ ଉକ୍ତ ମହୋଦୟ ଓଡିଆମାନଙ୍କର ଚିରସ୍ମରଣୀୟ ହୋଇଅଛନ୍ତି । ଅତଏବ ତାହାଙ୍କ ସମୀପକୁ ଗଞ୍ଜାମଜିଲ୍ଲାର ପ୍ରାୟ ସମସ୍ତ ଓଡିଆମାନଙ୍କର ସ୍ୱାକ୍ଷରିତ ଅଭିନନ୍ଦନପତ୍ର ଦେବା ପାଇଁ ସଭ୍ୟମାନେ ମନସ୍ଥ କରିଅଛନ୍ତି ।

ପରିଶେଷରେ ସ୍ୱନାମ ପୂର୍ବରେ ଶ୍ରୀ ବ୍ୟବହାର କରିବା ଉପଲକ୍ଷେ ପୂର୍ବାଂଶରେ ଯାହା କଥୋପକଥନ ହୋଇଥିଲା ବର୍ତ୍ତମାନ ସେ ବିଷୟ ଆନ୍ଦୋଳନ ହେବାରୁ ଯେଉଁମାନେ ଶ୍ରୀ-ପ୍ରତି ଅଭିମାନୀ ସେମାନେ ନଭେମ୍ବର ତା ୧୬ ରିଖର ଉତ୍କଳଦୀପିକା ଅଉ ତାହାର ଅନ୍ତରକୁ ୦୫ ଅଣି ପ୍ରମାଣ ଦର୍ଶାଇ ଅଛନ୍ତି । ସମ୍ପାଦକ ମହାଶୟ ! ଆପଣ, ଶ୍ରୀ, ବାବୁ, ଶ୍ରୀବାବୁ, ଶ୍ରୀଯୁକ୍ତ ବାବୁ, ଏପରି ବ୍ୟକ୍ତିମାନଙ୍କର ଯଥାନୁସାରେ ବା ଅନ୍ୟ କୌଣସି ଅଭିପ୍ରାୟରେ ଲେଖନ୍ତି ତାହା ଅନୁଗ୍ରହ ପୂର୍ବକ ଗତମାସ ତା ୭ ରିଖ ପତ୍ରିକାରେ ପ୍ରକାଶ କରି ବାଧିତ କରିବା ହେବେ ।

ତେଣୁକାରଣରୁ ପତ୍ରପ୍ରେରକ ହେଲ ଅତ୍ୟନ୍ତ ବନ୍ଦ୍ୟମାନ ଅଛନ୍ତି ।

ଡିସେମ୍ବର ୨ । ୧୮୭୨ ନିବେଦକଦାସ
। ମୂ । ବ୍ରହ୍ମପୁର ଭଲସ୍ୱମ୍ ମହାନ୍ତି
ହାଇସ୍କୁଲ ଓଡିଆଶ୍ରେଣୀ ଶିକ୍ଷକ

ସ୍ୱନାମପୂର୍ବରେ ଶ୍ରୀ ବ୍ୟବହାର କରିବା ଶାସ୍ତ୍ରସମ୍ମତ ବ୍ୟବହାର ଅଟଇ । ଅମ୍ଭେମାନେ ଏଥିର ବିସ୍ତାରିତ ବିବରଣ ଏପରେ ଲେଖିବୁଁ । ସମସ୍ତ ପଣ୍ଡିତମାନଙ୍କୁ ଅନୁରୋଧ କରୁଅଛୁଁ ଯେ ଏ ବିଷୟରେ ଯାହାର ଯାହା ଅଭିମତ ଥିବ ଅମ୍ଭମାନଙ୍କୁ ଲେଖିଲେ ଅବଶ୍ୟ ମତେ ପକ୍ଷସ୍ଥ କରିବୁଁ । ସଂ, ଉ, ଦୀ ।

---

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ଏ ମେକଡନ ସାହେବ | କଲିକତା | ଟ | ୩୦/ |
| ବାବୁ ହରେକୃଷ୍ଣଦାସ | କଟକ | „ | ୬ ୨ |
| „ ଭଗବତୀଚରଣ ସେନ | „ | „ | ୬ ● |
| „ ଜଗମୋହନ ଘୋଷ | „ | „ | ୬ ● |
| „ ସୁଦର୍ଶନ ଦାସ | „ | „ | ୬ ୨ |
| „ ମଦନକୃଷ୍ଣ ଦେ | „ | „ | ୬ ● |
| „ ଅଦ୍ୟାନନ୍ଦ ଦାସ | „ | „ | ୬ ୨ |

---

ଏହି ଉତ୍କଳଦୀପିକା ସହର କଟକ ଦର୍ଗାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ‖ ସଂଖ୍ୟା । ତା୨୯ରଖ ଡିସେମ୍ବର ସନ୧୮୭୬ମସିହା ।ମୂ। ପୌଷ ବ ୯ ଡ ସନ୧୨୮୦ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୪॥
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫॥
ମଫସଲ ପାଇଁ ଡାକମାସୁଲ ୬।୵


ଏ ନଗରର ଜଣେ ବେଶ୍ୟା ଗୋଟିଏ ଝିଅ ବିକିବା ଅପରାଧରେ କଟକେଣା ଓ ମଧ୍ୟବର୍ତ୍ତୀ ଲୋକର ସହିତ ଗତସେପ୍ଟେମ୍ବର ମାସ ସେସିସରେ ଦଣ୍ଡ ପାଇଥିଲା ଓ ହାଇକୋର୍ଟରେ ଅପିଲ କଲେ ସେ ମୁକ୍ତି ପାଇ ପାରେ ବୋଲି ଆମ୍ଭେମାନେ ସେ ସମୟରେ ଲେଖିଥିଲୁଁ । ମାତ୍ର ଫଳେ ତାହା ଘଟିଲା ନାହିଁ ଗତ ସୋମବାର ଏହାର ଅପିଲ ଅଗ୍ରାହ୍ୟ ହେବାର ସମ୍ବାଦ ଏଠାରେ ମିଳିଲା । ହାଇକୋର୍ଟର ହୁକୁମ ଉପରେ ଆମ୍ଭମାନଙ୍କର କିଛି କଥା ନାହିଁ କିନ୍ତୁ ତହିଁରେ ଗୋଟିଏ କଥା ପାଠ କରି ବଡ଼ ଆଶ୍ଚର୍ଯ୍ୟ ହେଲୁଁ । ହାଇକୋର୍ଟ ଲେଖିଅଛନ୍ତି ଯେ ବିବାହ ନିମିତ୍ତ କନ୍ୟା କ୍ରୟ କରିଥିବାର ଅପତ୍ତି ପ୍ରମାଣ ହୋଇ ନାହିଁ ଓ ମଧ୍ୟ ବିବାହ ନିମିତ୍ତ ଏତେ ଅଳ୍ପବୟସର ବାଳିକା କ୍ରୟ କରିଥିଲା ବଡ ଅସମ୍ଭବ ଅଟଇ । ଏଥିରୁ ଇଂରାଜ ଜାତିମାନେ ଅସ୍ମଦ୍ଦେଶୀୟ ରୀତି ନୀତିର କେମନ୍ତ ଅନଭିଜ୍ଞ ତାହା ବିଲକ୍ଷଣରୂପ ପ୍ରକାଶ ପାଇଅଛି । ସେମାନେ ମନେ କରିଅଛନ୍ତି ଯେ ବିବାହ ସକାଶେ କେବଳ ଉପଯୁକ୍ତ ବୟସର ବାଳିକା କିଣାଯାଏ । ପ୍ରକୃତରେ ଅଳ୍ପବୟସର କନ୍ୟା କ୍ରୟ କରିବାର ବିଧି କେବଳ ଅକର୍ତ୍ତବ୍ୟ ସ୍ଥଳରେ ଏଥିର ଅନ୍ୟଥା କରିନାହିଁ କେହି କ୍ଷମ ତ ହୁଅଇ । ହାକିମମାନେ ବିଶେଷରୂପେ ଦେଶର ରୀତି ନୀତିର ଅବଗତ ନ ହେବାରୁ ଅନେକ ମନ୍ଦ ହେଉଅଛି । ଏହା ଦୂର କରିବା ପକ୍ଷରେ କୌଣସି ଉପାୟ ଚିନ୍ତିବା ଉଚିତ ।

---

ଡେଲିନିୟୁସର ଅବଗତ ହେଲୁଁ ଯେ ବଡ଼ଦିନ ପର୍ବ ଉତ୍ତାରୁ ହାଇକୋର୍ଟ ଯେଉଁ ଦିନ ଫିଟିବ ସେ ଦିନ ହିନ୍ଦୁଦାୟ ସମ୍ପର୍କୀୟ ଏକ ଗୁରୁତର ବିଷୟର ମୀମାଂସା ହେବ । ଏ ମୋକଦ୍ଦମାର ଅପିଲ ହାଇକୋର୍ଟର ଦୁଇ ଜଜଙ୍କ କଷ୍ଟ୍ରେର୍ ହୋଇଅଛି । ବର୍ତ୍ତମାନ ପୁଗ୍ମେସଲ ଅର୍ଥାତ୍ ସମସ୍ତ ଜଜଙ୍କଦ୍ୱାରା ଏହାର ସିଦ୍ଧାନ୍ତ ହେବ । ମୋକଦ୍ଦମାଟି ଏହି ଯେ ଦୁଷ୍ଟଚରିତ୍ରା ଅଥବା ସ୍ତ୍ରୀ ଉତ୍ତରାଧିକାରୀ ସତ୍ତ୍ୱ କାରଣରୁ ସମ୍ପତ୍ତି ଭୋଗକରି ପାରେ କି ନାହିଁ । ଅନେକ ପଣ୍ଡିତଙ୍କର ମତ ଗୃହୀତ ହୋଇ ଏହାର ବିଚାର ହେବ । ଆମ୍ଭେମାନେ ଶାସ୍ତ୍ର ଜାଣୁ ନାହିଁ କିନ୍ତୁ ସାମାନ୍ୟ ବୁଦ୍ଧିରେ ଦେଖୁଅଛୁ ଯେବେ ଦୁଷ୍ଟଚରିତ୍ରା ଅଥବା ସ୍ତ୍ରୀକୁ ବଞ୍ଚିତ କରିବାର ଉଚିତ ନୁହଇ ବୋଲି ସିଦ୍ଧାନ୍ତ ହେବ ତେବେ ଅନେକ ସାମାଜିକ ଓ ଅତି ମନ୍ଦର ସମ୍ଭାବନା । ଦୁଷ୍ଟଚରିତ୍ରା ଅଥବା ସ୍ତ୍ରୀ ହସ୍ତରେ ଧନର ଯଥାର୍ଥ ଉପକାର ହେବ ନାହିଁ କାରଣ ସେ ଆପଣାର ସ୍ୱେଚ୍ଛାଧୀନରୂପେ ଅନାସ୍ଥାନରେ ଧନ ଦାନ କରିବ ଓ ତାହାର ମଦ୍ୟବ୍ୟୟ ପୂର୍ବକ ପାପଯୁକ୍ତ ଅଭିଳାଷକୁ ଚରିତାର୍ଥ କରିବ । ଯେବେ ଉତ୍ତରାଧିକାରୀ ସତ୍ତ୍ୱ ଲୋପ ହେବାର ଭୟ ହେବ ତେବେ ଅନେକ ଭଦ୍ର ବଂଶ ରକ୍ଷା ପାଇବ । କାରଣ ଉଚ୍ଚବଂଶରେ ସିନା ଧନ ପାଇବାର ସମ୍ଭାବନା ଦୁଃଖିଲୋକର ଧନ ନାହିଁ ସୁତରାଂ ଏ ଅବସ୍ଥାର ବିଧବାସ୍ତ୍ରୀ ଆପଣା ଉଦର ପୋଷିବା ପାଇଁ ବାଧ୍ୟ ରହିବେ ଦୁଷ୍ଟଚରିତ୍ରା ହେବାର ବା ଅବକାଶ ନାହିଁ । ପକ୍ଷାନ୍ତରେ ଉଚ୍ଚବଂଶରେ ଅଦ୍ୟାପି ଧନର ସମ୍ପୂର୍ଣ୍ଣ ସୁସାର ଥିବାରୁ ଯେମନ୍ତ ଅଧିକ ପରିମାଣରେ ଦୁଷ୍ଟଚରିତ୍ରା ହେବାର ସମ୍ଭାବନା ସେହିପରି ମଧ୍ୟ ବିଧବା ବିବାହର ନିୟମ ପ୍ରଚଳିତ ଅଛି । ବିଧବା ବିବାହ ଯେ ଦେଶର ବିଶେଷ ମଙ୍ଗଳକର ତହିଁରେ କିଛି ସନ୍ଦେହ ନାହିଁ କିନ୍ତୁ ସବୁ ପ୍ରଚଳିତ କୁସଂସ୍କାର ବଶିଷ୍ଠ ରୀତିକୁ ଅନୁସରଣ କରି ଅନେକ ଲୋକ ତାହା କରିବାକୁ ସାହସୀ ହେଉ ନାହାନ୍ତି । ଉତ୍ତରାଧିକାରିତ୍ୱ ସତ୍ତ୍ୱ ଧ୍ୱଂସ ହେଲେ ଅନେକ ବିଧବା ସ୍ତ୍ରୀ ବିବାହ କରିବାକୁ ପ୍ରବୃତ୍ତ ହୁଅନ୍ତେ ।

---

### ଶ୍ରୀଯୁକ୍ତ ମାକଫର୍ସନସାହେବଙ୍କ କଲିକତାଯାତ୍ରା ।

ଗତ ବୁଧବାର ସନ୍ଧ୍ୟାସମୟରେ ଏ ଜିଲାର କଲେକ୍ଟର ଶ୍ରୀଯୁକ୍ତ ମାକଫର୍ସନସାହେବ ବନ୍ଦରଦାଟେ କଲିକତାକୁ ଗମନ କଲେ । ଏ ମହାପୁରୁଷ ବଂ୧୫୧ଂ୨ଦିନର ଛୁଟୀ ପାଇଅଛନ୍ତି ମାକଫର୍ସନ ସାହେବଙ୍କ ଚଳନ ଯାତ୍ରାରେ ଏ ଜିଲାର ଲୋକମାନେ ଅତ୍ୟନ୍ତ ଦୁଃଖିତ ଅଛନ୍ତି ଏପ୍ରକାର ହାକିମ ଅନେକକାଳ ଦେଖି ବଂଶକୁ ଅଗମନ କରି ନ ଥିଲେ । ଏତେ ଦୀର୍ଘକାଳ ଛୁଟୀ ଉତ୍ତାରୁ

Digitized by srujanika@gmail.com

ପୁନର୍ବାର ସେ ଯେ ଏ ଜିଲ୍ଲାକୁ ଆସିବେ ଏମନ୍ତ ସମ୍ଭାବନା ନାହିଁ ସୁତରାଂ ତାହାଙ୍କ ବନ୍ଧୁସାଧାରଣେ ଅତିଶୟ ଅଧିକ ଦୁଃଖୀ ହୋଇଅଛନ୍ତି । ଏହାଙ୍କପ୍ରତି ଲୋକଙ୍କର କିରୂପ ସ୍ନେହ ଓ ଭକ୍ତି ଥିଲା ଯେଉଁମାନେ ବୁଧବାର ଅପରାହ୍ନ ୫ ଘଣ୍ଟା ସମୟରେ କାଲେକ୍ଟରୀ କଚେରୀରେ ଉପସ୍ଥିତ ଥିଲେ ସେମାନେ ପ୍ରତ୍ୟକ୍ଷ କରିଅଛନ୍ତି ସେଠାରେ ଲୋକଙ୍କ ଗହଳରେ ଗୋଟିଏ ସୀମା ପ୍ରାପ୍ତ ବୋଧ ହେଉଥିଲା ଏ ନଗରବାସୀ ପ୍ରଧାନ ଜମିଦାର ଅନେକ ମାମଲତକାର ଓ ଅନ୍ୟାନ୍ୟ ଲୋକମାନେ ତାହାଙ୍କ ସମ୍ମାନାର୍ଥ କଚେରୀରେ ଉପସ୍ଥିତ ଥିଲେ ଓ ସାହେବ ଯଥାବିଧି ସମ୍ଭାଷଣପୂର୍ବକ ସମସ୍ତଙ୍କଠାରୁ ବିଦାୟ ଗ୍ରହଣ କଲେ ଅମ୍ଭେମାନେ ଏହାଙ୍କ ବିଦାୟକାଳର ବ୍ୟାପାର ଦେଖି ବଡ଼ ଆନନ୍ଦିତ ହେଲୁଁ ଓ ଏ ଦେଶୀୟଲୋକଙ୍କୁ ଯେ ଗୁଣି ବ୍ୟକ୍ତିର ଗୁଣ ଗ୍ରହଣପୂର୍ବକ ତାହାଙ୍କର ମର୍ଯ୍ୟାଦା କଲେ ଏଥିରେ ସେମାନେ ସଭ୍ୟମଣ୍ଡଳୀରେ ସ୍ୱୟଂ ମାନ୍ୟାସ୍ପଦ ହୋଇଅଛନ୍ତି । ଏହାଙ୍କର କର୍ମରେ ଯେଉଁ ସାହେବ ଆସିବେ ସେ କିରୂପ ହେବେ ବୋଲାଯାଇ ନ ପାରେ କାରଣ ଅଦ୍ୟାପି ତାହାର ନିଯୋଗ ହେବାର ସମ୍ବାଦ ଗେଜେଟରେ ପ୍ରକାଶିତ ହୋଇ ନାହିଁ ମାତ୍ର ଅମ୍ଭେମାନେ ଭରସା କରୁଁ ଯେ ସେ ମାକଫର୍ସନସାହେବଙ୍କ ପଥକୁ ଅନୁସରଣକରି ଏ ଦେଶୀୟ ଲୋକଙ୍କ ଠାରେ ସମ୍ମାନସୂଚକ ପୂଜା ପାଇବେ ।

---

## ଦୁଇବେଳିଆ କଚେରୀ ।

କୌଣସି ସମ୍ବାଦପତ୍ରରେ ଲେଖା ହୋଇଥିଲା ଯେ ଏ ଦେଶରେ ଘ ୧୦ ଟାଠାରୁ ଘ ୪ ଟା ପର୍ଯ୍ୟନ୍ତ କଚେରୀ ହେବାର ନିୟମ ଥିବାରୁ ଲୋକଙ୍କର ଶାରୀରିକ ସୁସ୍ଥତା ପ୍ରତି ବ୍ୟାଘାତ ହେଉଅଛି । ଦୁଇପ୍ରହର ସମୟରେ କର୍ମକରିବା ଦେଶୀୟ ଲୋକଙ୍କ ସ୍ୱଭାବ ନୁହଇ । ଏମାନେ ସକାଳ ସନ୍ଧ୍ୟାରେ କର୍ମ କରି ଦୁଇ ପ୍ରହର ବେଳେ ବିଶ୍ରାମ କରନ୍ତି । ଘ ୯ ଟା ବେଳେ ଭାତଖାଇ ଦିନଯାକ ଉପବାସ ରହିବାରେ ଏବ ଦୁଇପ୍ରହର ରୌଦ୍ରସମୟରେ କର୍ମ କରିବାରେ ଏହାଙ୍କ ବଳର ହାନି ହୁଅଇ । ଯେ ଗବର୍ଣ୍ଣମେଣ୍ଟ ସକାଳ ଓ ଶୀତଳବେଳେ କଚେରୀ କରିବାର ନିୟମ କରନ୍ତି ତାହା ହେଲେ ଅତି ଭଲ ହେବ ।

ଗବର୍ଣ୍ଣମେଣ୍ଟ ବଙ୍ଗଳାର ସାପ୍ତାହିକ ଗେଜେଟମାନରେ ଏହି ବିଷୟ ଉତ୍ଥିତ ହେବାର ମାନ୍ୟବର ଲେଫ୍ଟେନାଣ୍ଟଗବର୍ଣ୍ଣର ସାହେବ ଏ ବିଷୟରେ କେତେ କର୍ମଚାରୀଙ୍କ ପରାମର୍ଶ ପ୍ରାର୍ଥନା କରିଅଛନ୍ତି । ବର୍ତ୍ତମାନ କି ନିୟମରେ ପ୍ରକୃତରେ କାର୍ଯ୍ୟ ହେଉଅଛି ତାହା ଜାଣିବାକୁ ପୁଣି ଗବର୍ଣ୍ଣମେଣ୍ଟ ଇଚ୍ଛା କରିଅଛନ୍ତି ।

ଏଣୁ ହାକିମମାନେ କି ମତ ପ୍ରକାଶ କରିବେ ଅଳ୍ପକାଳରେ ଜଣାଯିବ କିନ୍ତୁ କେହି ଯେ ଦୁଇବେଳିଆ କଚେରୀ ପାଇଁ ଗବର୍ଣ୍ଣମେଣ୍ଟଙ୍କୁ ପରାମର୍ଶ ଦେବେ ଏମନ୍ତ ଅମ୍ଭମାନଙ୍କର ଅନୁମାନ ହେଉ ନାହିଁ । କାରଣ ଏରୂପ କଚେରୀ କରିବା କାହାରିକୁ ସୁଗମର ହେବ ନାହିଁ । ଉପରଲେଖିତ ସମ୍ବାଦପତ୍ରରେ ଯାହା ଲେଖା ଅଛି ତାହା ନିତାନ୍ତ ହାସ୍ୟାସ୍ପଦ ବୋଲି ଅମ୍ଭମାନଙ୍କୁ ବୋଧ ହେଉ ନାହିଁ । ବାସ୍ତବରେ ଇହିଁରେ ଦେଶର ପ୍ରକୃତାବସ୍ଥା ବର୍ଣ୍ଣିତ ହୋଇଅଛି । କେବଳ ସରକାରୀ କର୍ମଚାରୀମାନେ ଦୁଇପ୍ରହର ବେଳେ ପରିଶ୍ରମ କରନ୍ତି ନୋହିଲେ ଦେଶର ଯାବତୀୟ ଶ୍ରମଜୀବୀ ସକାଳ ଓ ବୈକାଳରେ କର୍ମକରି ଦୁଇପ୍ରହରବେଳେ ସମସ୍ତେ ହେଲେ ବିଶ୍ରାମ କରନ୍ତି । ସେମାନଙ୍କ ଶାରୀରିକ ସୁସ୍ଥତା ସହିତ ଅମଲାଙ୍କ ଅବସ୍ଥା ତୁଳନା କଲେ ଅବଶ୍ୟ ଅନୁଭବ ହେବ ଯେ ଦୁଇପ୍ରହରିଆ କଚେରୀରେ କିଛି ହେଲେ ଦୁର୍ଗୁଣ ଅଛି । ଅଭ୍ୟନ୍ତରେ ଦେଖାଯାଏ ଯେ ଅମଲାମାନେ ଦୁଇ ପ୍ରହର ବେଳେ କଷ୍ଟରେ ହେଲେ ମଧ୍ୟ ଉଜାଗର ହୁଅନ୍ତି ଓ ସାହେବ ଆସିବା ବିଳମ୍ବ ଅଥବା ଅନ୍ୟତ୍ରକାଳରେ ସୁଯୋଗ ପାଇଲେ କଚେରୀରେ ଟିକିଏ ଶୋଇରହନ୍ତି ନୋହିଲେ କଲମଦାନୀପାଖରେ ଢୁଳାଉଥାନ୍ତି । ଏଥିରୁ ମଧ୍ୟ ପ୍ରତିପନ୍ନ ହେଉଅଛି ଯେ ଦୁଇ ପ୍ରହରବେଳେ କର୍ମ କରିବା ଏ ଦେଶର ସ୍ୱଭାବ ବିରୁଦ୍ଧ କାର୍ଯ୍ୟ ଅଟଇ ।

ଉପରଲେଖିତ ମତେ ଦେଖାଯାଏ ଯେ ଦୁଇପ୍ରହରିଆ କଚେରୀ ସର୍ବାଂଶରେ ଭଲ ନୁହଇ କିନ୍ତୁ ଏଥିରେ ଯାହା ମନ୍ଦ ଅଛି ତାହା ଯେ ଦୁଇବେଳିଆ କଚେରୀକରିବାଦ୍ୱାରା ନିବାରିତ ହେବ ଏମନ୍ତ ଅନୁମାନ ହେଉ ନାହିଁ । ପ୍ରତ୍ୟକ୍ଷରେ ଦୁଇପ୍ରହରିଆ କଚେରୀର ମନ୍ଦଫଳଠାରୁ ଦୁଇଥର କଚେରୀର ମନ୍ଦଫଳ ଅନେକାଂଶରେ ବଳପଡ଼ିବ । ଯାହା ଉପଲକ୍ଷ ସର୍ବଦା ଦେଶରେ ରହିବା ଏ ଦେଶର ସ୍ୱଭାବ ନୁହଇ ଅଥଚ ସରକାରୀ କଚେରୀରେ ତାହା ଶିଖିବାକୁ ପଡ଼ିବାରୁ ଯେ କଷ୍ଟ ହୁଅଇ ତାହା ଯେମନ୍ତ ସହିବାକୁ ପଡ଼ୁଅଛି ଦୁଇପ୍ରହରିଆ କଚେରୀର ବିଷୟ ମଧ୍ୟ ସେହିରୂପ ସହିବାକୁ ହେଉଅଛି । ଏ ଦୁଇ ବିଷୟରେ କିଛି କିଛି ମନ୍ଦ ଅଛି ମାତ୍ର ତାହା ଅନିବାର୍ଯ୍ୟ ଦିନମଧ୍ୟରେ ଦୁଇଥର କଚେରୀ ହେଲେ ଯେ କେତେ ଅନିଷ୍ଟ ହେବ ତାହା ସହଜରେ ବ୍ୟକ୍ତ ହୋଇ ନ ପାରେ ଅଥଚ ଅମଲା ଓ ମାମଲତକାର ମାନଙ୍କୁ ତାହା ବୁଝି ଅଛନ୍ତି । ଅନେକ ସରକାରୀ କଚେରୀକୁ ଦୂର ସ୍ଥାନରୁ ଲୋକଙ୍କ ଆସିବାର ପ୍ରୟୋଜନ ହୁଅଇ ନାହିଁ ଯେ ସେମାନେ କଚେରୀପାଖରେ ବସା କରି ରହିବେ । କେତେ ଲୋକ କୋଶକ ବାଟରୁ ପୁଣି ନିତ୍ୟ କଚେରୀକୁ ଆସନ୍ତି । ଦୁଇଥର ଆସିଲେ ଏମାନଙ୍କର ଦୁଃଖର ସୀମା ରହିବ ନାହିଁ । ଅଧିକାଂଶ ଲୋକ ଅପଣା ହାତରେ ରାନ୍ଧି ଖାଇ କଚେରୀକୁ ଆସନ୍ତି ଏମାନଙ୍କର ପାକ କରିବାର ସାମର୍ଥ୍ୟ ନାହିଁ । ଦୁଇଥର କଚେରୀକୁ ଆସିଲେ ଏହାଙ୍କୁ ଦିନମାନ ଉପବାସ ରହିବାକୁ ହେବ । ମାମଲତକାରମାନେ ସକାଳ ସଞ୍ଜ ଓ ଦୁଇବେଳ ଉକିଲ ମୁକ୍ତାରଙ୍କ ନିକଟରେ ମୋକଦ୍ଦମାର କାଗଜପତ୍ର ଲେଖା ପଢ଼ି କରନ୍ତି । ଦୁଇପ୍ରହର ବେଳେ ସମସ୍ତେ ଖାଇକରି ଶୋଇବେ ଓ ସକାଳୁ ଉଠିବେ ବୋଲି ଭୟରେ ଅନେକକ୍ଷଣ କର୍ମ କରିବେ ନାହିଁ । ଫଳତଃ କେବଳ କଚେରୀ ଦିବା ଅବିଚାରରେ ସମସ୍ତ ସମୟ ଯିବ ଆଉ ସୁନ୍ଦରକର୍ମ କଷ୍ଟନାଶ ହୋଇପାରିବ ନାହିଁ । ଏହି ସମସ୍ତ କାରଣରୁ ଅମ୍ଭେମାନେ ଦୁଇବେଳିଆ କଚେରୀର ବିପକ୍ଷ ଅଟୁଁ । ଇଂରେଜମାନେ ଦୁଇବେଳିଆ କଚେରୀ କରନ୍ତି ସତ୍ୟ ମାତ୍ର ସେମାନଙ୍କର ସ୍ୱତନ୍ତ୍ରତା ଅଛି । ସେମାନେ ଅଧୀନ ନୁହନ୍ତି ଅପଣା ଘରେ ବସି କର୍ମ କରନ୍ତି ଓ ଯେରୂପ କର୍ମ ଇଚ୍ଛା କଲେ କାହାର ନିଷେଧ ନାହିଁ । ସରକାରୀ କର୍ମ ଘରେ ବସି ହୋଇ ନ ପାରେ ସୁତରାଂ ଇଂରେଜଙ୍କ ଉଦାହରଣ ଖଟୁ ନାହିଁ ।

ଅତଏବ ଦେଖାଯାଏ ଯେ ଦୁଇପ୍ରହର ବେଳେ ଟିକିଏ ଶୋଇବାରେ ଯାହା କିଛି ଶାରୀରିକ ଲାଭ ହେବ ଦୁଇଥର କଚେରୀକୁ ଦୌଡ଼ିବାରେ ତହିଁରୁ ଅଧିକ କ୍ଷତି ହେବ । ଗବର୍ଣ୍ଣମେଣ୍ଟ ଯେବେ ଉକ୍ତ କର୍ମଚାରୀଙ୍କ ସ୍ୱାସ୍ଥ୍ୟରକ୍ଷା ନିମିତ୍ତ ବ୍ୟସ୍ତ ଅଛନ୍ତି ତେବେ କଚେରୀର ସମୟ ଘଣ୍ଟାଏ ଦୁଇଘଣ୍ଟା ଊଣା କରି ଦେଉନ୍ତୁ ଏଥିରେ କାର୍ଯ୍ୟର କୌଣସି ବ୍ୟାଘାତ ହେବ ନାହିଁ କାରଣ କର୍ମଚାରୀମାନେ ଯାହା କଚେରିରେ ଶେଷ କରି ନ ପାରିବେ ତାହା ଘରକୁ

Digitized by srujanika@gmail.com

Split by PDF Splitter



ଚେଷ ଥିବି ଅଥବା ପର୍ବଦିନ ଓ ଅନ୍ୟ ସମୟରେ କଚେରିକୁ ଯାଇ ତଦାଗ କରିବେ ଗ୍ରୀଷ୍ମକାଳରେ ଦିନ ଏକଘଣ୍ଟା ଉଣା ହେଲେ ସୁବିଧା ହେବ ତାହା ବୁଝାଇ କହିବାର କଠିନ ନୁହଇ। ଗ୍ରୀଷ୍ମଦିନରେ ସକାଳ ଘ ୬॥ ଘଣ୍ଟାଠାରୁ ଘ ୧୦॥ ଘଣ୍ଟା ପର୍ଯ୍ୟନ୍ତ ଏବଂ ଯାଡ ଦିନରେ ଘ ୧୧ ଘଣ୍ଟାଠାରୁ ଘ ୪ ଘଣ୍ଟା ପର୍ଯ୍ୟନ୍ତ କଚେରି ହେଲେ କୌଣସି କ୍ଲେଶ ରହିବ ନାହିଁ। ଗସ୍ତଦିନରେ ଦୁଇପ୍ରହର ବେଳେ ସମ୍ପୂର୍ଣ ବିଶ୍ରାମ ପ୍ରୟୋଜନ ଓ ସେ ସମୟରେ କୌଣସି କର୍ମ କରିବାକୁ ବଳ ହୁଅଇ ନାହିଁ। ଯାଡଦିନରେ ଦୁଇପ୍ରହରେ ଶୋଇଲେ ସୁଖ ଲାଗଇ ନାହିଁ ଅଥଚ ସକାଳ ଘ ୧୦ ଘଣ୍ଟା ବେଳେ କଚେରିକୁ ଆସିବାକୁ କଷ୍ଟ ଜଣାଯାଏ। ମାନ୍ୟବର ଲେପ୍ଟେନେଣ୍ଟ ଗବର୍ଣ୍ଣର ସାହେବ ଏହିପରି ନିୟମ କଲେ ବହୁକାଳ ଅମଲାମାନେ ସୁଖରେ କାଳ କାଟିବାର ସମ୍ଭାବନା।

---

## ସାପ୍ତାହିକ ସମ୍ବାଦ।

ବ୍ରାହ୍ମଣୀ ଡିଭିଜନର ଏକଜିକ୍ୟୁଟିଭ ଇଞ୍ଜିନିୟର କର୍ ସାହେବ ଏଠାରୁ ବଦଳି ହୋଇ ଗଲେ ତାହାଙ୍କ କର୍ମରେ ଶ୍ରୀ ଅନ ଉଡ ସାହେବ ନିଯୁକ୍ତ ହୋଇ ଗତ ସପ୍ତାହରେ କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି। ଏ ମହାଶୟ ହୁଗଲିରୁ ଆସିଲେ। ଏହାଙ୍କ ଆସିବାରେ କେନ୍ଦ୍ରପାଟଣାର ଅଫିସ ପୁନର୍ବାର ଜାରି ହେଲା। ଶୁଣାଯାଏ ଯେ ନୂତନବର୍ଷାରମ୍ଭଠାରୁ ସବୁ କର୍ମଚାରୀମାନେ ସେଠାକୁ ଯାଇ କର୍ମ କରିବେ।

ଶବ୍ଦିର ଗଜାଙ୍କ ଆଗମନ ବିଷୟ ଅମ୍ଭେମାନେ ଗତସପ୍ତାହରେ ଲେଖିଥିଲୁଁ। ସେ ଗତ ରବିବାର ରାତ୍ର ଘ ୧୦ ଘଣ୍ଟା ସମୟରେ ଅତି ଗୋପନରୂପେ ଏ ନଗରରୁ ପ୍ରସ୍ଥାନ କଲେ। ଏମନ୍ତ ଜଣାଗଲା ଯେ ସେ କେତେ ଲୋକର ଟଙ୍କା ଧାରି କରି ଚାଲିଯାଇଥିଲେ ପଶ୍ଚାତ୍ ବାଟରୁ ସେ ଟଙ୍କାସବୁ ପଠାଇ ଦେଇଅଛନ୍ତି କିନ୍ତୁ ଅଶିକ୍ଷ୍ୟ ଇତ୍ରମଣ୍ଡଳୀରେ ଏଲାପ ପରିଚୟ କରି ତାହାଙ୍କୁ ନ କହି ଚାଲିଯିବାରୁ ତାହାଙ୍କ ଚରିତ୍ର ପ୍ରତି ଦୋଷ ଆସିଲା।

ବଡଦିନପର୍ବ ଉପଲକ୍ଷରେ ଗତକାଲିଠାରୁ ବୁଧବାର ପର୍ଯ୍ୟନ୍ତ ରେଭିନ୍ୟୁ କଚେରିମାନ ବନ୍ଦ ହେବ ଓ ଅଦାଲତ ବୁଧବାରଠାରୁ ଶନିବାର ପର୍ଯ୍ୟନ୍ତ ବନ୍ଦ ହେବ। ଏ ପଞ୍ଚ କଚେରି ବନ୍ଦରେ ଦୂରସ୍ଥ ପଡିବାରୁ ଅନେକ ଲୋକଙ୍କର ଅସୁବିଧା ହୋଇଅଛି। ସବୁ କଚେରି ଏକସମୟରେ ବନ୍ଦ ହୋଇଥିଲେ ଭଲ ହୋଇଥାନ୍ତା।

ଅମ୍ଭେମାନେ ଶୁଣୁଅଛୁଁ ଯେ ଏ ନଗରର ଡାକ୍ତର ଫ୍ଲେମିଂ ସାହେବ ବଦଳି ହୋଇ ଯାଉଅଛନ୍ତି ଓ ତାହାଙ୍କ କର୍ମରେ ଜଗପୁରର ଡାକ୍ତର ସାହେବ ଆସୁଅଛନ୍ତି।

ଅମ୍ଭମାନଙ୍କର ଜଜସାହେବ ମୋଫସଲର ମୁନସଫିମାନ ଏହି ମାସ ମଧ୍ୟରେ ତଦାରଖ କରିବାକୁ ମନସ୍ଥ କରିଥିବାର ଶୁଣାଯାଏ। ଗତ ଶୁକ୍ରବାର ସେ କେନ୍ଦ୍ରାପଡା ମୁନସଫି ତଦାରଖ କରି ଆସିଅଛନ୍ତି।

ବାଲେଶ୍ୱର ସମ୍ବାଦବାହିକାରୁ ଅବଗତ ହେଲୁଁ ଯେ ଗତ ସୋମବାର ଓ ମଙ୍ଗଳବାର ଦୁଇଦିନ ସେ ନଗରରେ ଦୁଇଜଣ ସାହେବ ଓ ଜଣେ ବିବି ନଗରସ୍ଥ ଅଧିବାସୀମାନଙ୍କୁ ଦେଖାଇଥିଲେ ପ୍ରଥମ ଓ ଦ୍ୱିତୀୟ ଦିନରେ ଅଠର ପ୍ରକାର ନାଚ ଓ ଏବ୨ ପ୍ରକାର ଖୁଆଳ ଦେଖାଇଲେ ନାଚ ମଧ୍ୟରେ ଦଉଡୁଥିବା ଘୋଡା ଉପରେ ଛିଡା ହୋଇ ନୃତ୍ୟ ଓ ତାଳ ଭରିବାର ଖେଳବା ଓ ଅବନ ଲୁଗୁରପଠେଇବାକ ଦେବା ପାଟ ଶିକାର କରିବା ଓ ଟଲଣା ଦୌଡ ଉପରେ କସରତ କରିବା ବଡ ଚମତ୍କାର ହୋଇଥିଲା। ଟଲଣା ଉପରେ କସରତ ଦେଖି କ୍ରୀଡାକାରଙ୍କ ପ୍ରାଣଯିବା ଆଶଙ୍କା କରି ଦର୍ଶକମାନେ ମନୋଦୁଃଖ କରୁଥିଲେ, କିନ୍ତୁ କ୍ରୀଡାକାରୀ ଅବଲୀଳା କ୍ରମେ କସରତ କରୁଥିଲେ। ଏହି କ୍ରୀଡା ଏକ ବୃହତ୍ ତମ୍ବୁ ମଧ୍ୟରେ ହୋଇଥିଲା। ଦର୍ଶକମାନେ ଟିକଟ କିଣି ଦେଖିବାକୁ ଯାଇଥିଲେ। ପ୍ରଥମ ଶ୍ରେଣୀରେ ଦୁଇଟଙ୍କା, ଦ୍ୱିତୀୟ ଶ୍ରେଣୀରେ ଏକଟଙ୍କା ଓ ତୃତୀୟ ଶ୍ରେଣୀରେ ଅଠଅଣା ଧାର୍ଯ୍ୟ ହୋଇଥିଲା, କିନ୍ତୁ ସମସ୍ତେ ସମାନରୂପେ ନେଉଥିଲେ କେବଳ ବସିବାର ଆସନ ମାତ୍ର ପ୍ରଭେଦ ଥିଲା। କ୍ରୀଡାକାରମାନେ ଦୁଇଦିନରେ ଛଅଶତ ଟଙ୍କାରୁ ଊର୍ଦ୍ଧ୍ବ ଉପାର୍ଜନ କରି ଅଛନ୍ତି ଏମାନେ କଟକକୁ ଆସୁ ଅଛନ୍ତି।

ଆମ୍ଭେମାନେ ଅବଗତ ହେଲୁଁ ଯେ ବାଲେଶ୍ୱରର କଲେକ୍ଟର ବିମ୍ସ ସାହେବଙ୍କ ଅନୁରୋଧକ୍ରମେ ଶିକ୍ଷାବିଭାଗର ଡାଇରେକ୍ଟର ସାହେବ ଗ୍ରାମ୍ୟଶିକ୍ଷା ଜାନକ ଖଣ୍ଡିଏ ପୁସ୍ତକ ମୁଦ୍ରିତ କରିବା ପାଇଁ ୫ ଟଙ୍କା ସାହାଯ୍ୟ ଦାନ କରିଅଛନ୍ତି। ବାଲେଶ୍ୱର ଗବର୍ଣ୍ଣମେଣ୍ଟ ବିଦ୍ୟାଳୟର ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଏଥିର ରଚୟିତା ଅଟନ୍ତି। ଏ ପୁସ୍ତକଦ୍ୱାରା ଶିକ୍ଷାର୍ଥୀଙ୍କର ବଡ ଉପକାର ହେବ ଅମ୍ଭେମାନେ ବୁଝି ପାରୁ ନାହିଁ।

ପୁଲିସ ଇନ୍‌ସ୍ପେକ୍ଟର ଜେନେରାଲ କର୍ଣ୍ଣେଲ ପିୟୁସାହେବ ଅଳ୍ପଦିନରେ ମେଦନୀପୁର ଗସ୍ତ କରିବାକୁ ଆସିବେବୋଲି ଜେଲଦାରୁ ପ୍ରକାଶିତ ହୋଇଅଛନ୍ତି ଓ ଅନୁମାନ ହୁଅଇ ଯେ ଓଡିଶାର ଜିଲାମାନ ମଧ୍ୟ ସନ୍ଦର୍ଶନ କରିବେ। ପୁଲିସକର୍ମଚାରୀମାନେ ସତର୍କ ହେଉନ୍ତୁ।

ମହାମାନ୍ୟ ଗବର୍ଣ୍ଣର ଜେନେରାଲଙ୍କ ସମ୍ମାନାର୍ଥେ ହୋଲକାର ମହାରାଜା ବରଦନ୍ତାନରେ ଅନେକଗୁଡିଏ ବାଣବିଶେଷ ପ୍ରସ୍ତୁତ କରାଇଥିଲେ ଦୈବାତ୍ ବାରୁଦଖାନାରେ ଅଗ୍ନି ପ୍ରବେଶ କରିବାରୁ ସବୁ ଭସ୍ମ ହୋଇଗଲା ଓ କର୍ମକାରଙ୍କ ମଧ୍ୟରୁ ଜ୧୧ଣ ଗୁରୁତର ଆଘାତ ପାଇଲେ ଭାଗ୍ୟବଶତଃ କାହାର ପ୍ରାଣନାଶ ହୋଇ ନାହିଁ।

ଡାର୍ଭିରର ମହାରାଜା ଅନେକ ଗୁଡିଏ ଇଂରାଜୀ ବିଜ୍ଞାନ ସମ୍ବନ୍ଧୀୟ ପୁସ୍ତକ ସଂସ୍କୃତ ଭାଷାରେ ଅନୁବାଦ କରାଇବାକୁ ମାନସ କରିଅଛନ୍ତି ଓ ଏ କାର୍ଯ୍ୟ ଭାର କର୍ଣ୍ଣେଲ ... ଅର୍ପିତ ହୋଇଅଛି। ଇଂଲଣ୍ଡ ଓ ଜର୍ମାନୀରେ ଅନେକ ଉପଯୁକ୍ତ ପଣ୍ଡିତ ଏ କର୍ମ ପାଇଁ ପ୍ରାପ୍ତ ହୋଇ ପାରିବେ ବୋଲି ଡେଲିନ୍ୟୁସ ଲେଖିଅଛନ୍ତି।

୧। ଅମ୍ଭେମାନେ ଏଡୁକେଶନ ଗେଜେଟରୁ ଅବଗତ ହେଲୁଁ ଯେ, ମୁରସିଦାବାଦ ପତ୍ରିକା କହନ୍ତି, ଗୋଟିଏ ତାଳମୂଳ ତିନିଅଂଶ ଜଳ ଓ ଚାରିଅଂଶ ଏକତ୍ର କରି ଭସ୍ମପ୍ରମାଣ ତାର ମିଶାଇ ତାହା ସଙ୍ଗରେ ପେଷିବାକୁ ହେବ। ତହିଁରେ ସେ ବଟୁକୁ ଗୁଳି ପ୍ରମାଣ ବଟିକା ପ୍ରସ୍ତୁତ କରି ପ୍ରାତଃକାଳରେ ଗୋଟିଏ ଏବଂ ସନ୍ଧ୍ୟାରେ ଗୋଟିଏ, ଏହିପରି ଯେତେଦିନ ରୋଗ ଥିବ ସେତେଦିନ ସେବନ କରିବାକୁ ହେବ। ଏଥିରେ ଅର୍ଶରୋଗ ଆରୋଗ୍ୟ ହୁଅଇ।

୨। ହିନ୍ଦୁରଞ୍ଜିକା ବୋଲନ୍ତି, "ମେଦନୀପୁର ନିକଟସ୍ଥ କୌଣସି ଗ୍ରାମରେ ଜଣେ ବୃଦ୍ଧର ବିବାହ ହେବାକୁ ଥିଲା। ତାହାର ଗୋଟିଏ ଅବିବାହିତା ଭଗ୍ନୀ ମଧ୍ୟ ତାହା ସଙ୍ଗରେ ଥିଲା। ଯେଉଁ କନ୍ୟା ସଙ୍ଗେ ସମ୍ବନ୍ଧ ହୋଇଥିଲା ତାହାର ଏବଂ ବରର ଭଗ୍ନୀର ସମାନ ବୟସ ଓ ସମାନ

Digitized by srujanika@gmail.com

Split by PDF Splitter



ରୂପ । ବିବାହ ଦିନ ସନ୍ଧ୍ୟା ଉତ୍ତାରୁ ଜଲ୍ଲି ଜନ୍ୟାତ୍ରିସ୍ତ୍ର ଏକତ୍ର ଯୋଗଥିଲେ, ରାସ୍ତାରେ ଅଗ୍ନିଲୀ ବୃଷ୍ଟି ହେଲା । ବିବାହଲଗ୍ନ ଉପସ୍ଥିତ ହେଲେ କନ୍ୟାର ପିତା ଭ୍ରମକ୍ରମେ ବରର ଭଗ୍ନୀକୁ ଅଣି ସମ୍ପ୍ରଦାନ କଲେ । ଦୈବବଶତଃ ସେ ଦିନ ଅଗ୍ନି ଲେହ ଦେଖି ନାହିଁ, ଅରଣ୍ୟ ଭ୍ରମ ପ୍ରକାଶ ପାଇଲା । ଏଣେବେଳେ ଶାସ୍ତ୍ରାର୍ଥୀ ମହାଶୟମାନେ ବ୍ୟବସ୍ଥା ଅନୁସନ୍ଧାନ କରୁଅଛନ୍ତି ।" ଆମ୍ଭମାନେ ଏହିରୂପ ଗଳ୍ପ ପୂର୍ବରେ ମଧ୍ୟ ଗୋଟିଏ ଶୁଣିଥିଲୁଁ ।

ହିନ୍ଦୁପେଟ୍ରିଅଟ୍ କହୁଅଛନ୍ତି ଯେ ବଙ୍ଗଳାର ଲୋକସଂଖ୍ୟା ତାଲିକା ଯଥାର୍ଥରୂପ ହୋଇ ନାହିଁ । କଲିକତା ଅଫିସରେ ଏ ତାଲିକା ସବୁ ଏକତ୍ରିତ ହେଲ କିନ୍ତୁ ସେଠା କେରାଣୀମାନେ ମନଇଚ୍ଛା ଅଙ୍କ ବସାଇଦେଲେ । ତାହାଁର କାରଣ ଏହି ଯେ କେରାଣୀମାନେ ଉଚିତ ଯେତେ କର୍ମ କରିପାରନ୍ତି ତାହାଁଙ୍କୁ ଅଧିକ କର୍ମ ସେମାନଙ୍କଠାରୁ ନେବାର କାର୍ଯ୍ୟ କରିବାରୁ ସେମାନେ ଅଗତ୍ୟା ହରଣଚୂନ କଲେ ।

ମହାରାଣୀ ସ୍ୱର୍ଣ୍ଣମୟୀଙ୍କର ବଦାନ୍ୟତାର ସୀମା ନାହିଁ । ହିନ୍ଦୁପେଟ୍ରିଅଟ୍ରୁ ଅବଗତ ହେଲୁଁ ଯେ ସମ୍ପ୍ରତି ସେ କଲିକତାର ମେଡିକ ହାସପାତାଲକୁ ୫୮୦୦୦ ଟଙ୍କା ଓ ତାହାର ସରକାରଙ୍କ ଋଣ ସଙ୍ଗେ ୫୮୦୦୦ ଟଙ୍କା ଦାନ କରିଅଛନ୍ତି । ଏହି ଟଙ୍କାକୁ ମିଶାଇ ତାଙ୍କର ସରକାରଙ୍କର ବଞ୍ଚନ ସମୁଦାୟ ଅର୍ଥ ୫୪୮୦୦୦ ଟଙ୍କା ହେଲା ଏଥିର ସତ୍ତର କାର୍ଯ୍ୟ ହେବ ।

ଅମେରିକାରେ ବୋଷ୍ଟନ ନଗରରେ ଅଗ୍ନି ଲାଗିଲା ଯେ ତାହାର ପର୍ଯ୍ୟନ୍ତ କର୍ଣ୍ଣ ଲାଗିଲା ନାହିଁ ଏ ଭଳି ଧନ ଅନବଚ୍ଛିନ୍ନ ଘରଗୁଡ଼ିକୁ ପୋଡ଼ୁଥିଲା । ଏକଲକ୍ଷ ମୁଦ୍ରାର ଦ୍ରବ୍ୟ ନଷ୍ଟ ହୋଇଅଛି । ସେ ନଗର କେତେ ବଡ଼ ଓ ବସ୍ତୁପରିପୂର୍ଣ୍ଣ ଏ ଦୁର୍ଘଟଣାରୁ ସହଜେ ଅନୁମାନ କରି ଯାଇ ପାରେ ।

ଇନ୍ଦୋରର ମହାରାଜା ହୋଲକାର ବଙ୍ଗଳାର କରଭକର୍ତ୍ତୀଙ୍କ ସହିତ ଦୁଇଏକବର୍ଷରେ ଅତି ୫୨୫୦୦୦ ଟଙ୍କା ଦାନ କରିବାର ଇଚ୍ଛା ପ୍ରକାଶ କରିଅଛନ୍ତି । ଧନ୍ୟ ସେ ମହାରାଜ ।

ଜାମ୍ବେଲ୍ ସାହେବ ସର୍ବଦେଶୀ କମ୍ପାନୀ ସ୍ଥିରବାର ଯେ ପ୍ରସ୍ତାବ କରିଥିଲେ ତାହା ମହାମାନ୍ୟ ଗବର୍ଣ୍ଣର ଜେନେରଲ ସାହେବଙ୍କର ମନୋନୀତ ହୋଇଅଛି । ସର୍ବଦେଶୀ ଅଧୀନରେ ଲୋକେ କାନ୍ଦୁଗୋଡ଼ ଓ ଏଣେ ଡେପୁଟୀ ଅବଗତଙ୍କ ସେ ତାହାଁର ରିପୋର୍ଟ ଲେଖି ଦେଇଅଛନ୍ତି ଓ ତାହା ମଞ୍ଜୁର ହୋଇ ନାହିଁ ।

ଇଂରେଜମାନେ ଅନ୍ୟାୟରେ କପର ଟଙ୍କା ଖାନ୍ତି ତାହାଁର ଦଶଟି ଚମତ୍କାର ଦୃଷ୍ଟାନ୍ତ କୌଣସି ସମ୍ବାଦପତ୍ରରୁ ଅବଗତ ହୋଇ ଲେଖୁଅଛୁଁ । ଅମେରିକାରେ ଜଣେ ଉକିଲ ଅପଣା ମୋକଦ୍ଦମରଠାରୁ ଯେ ବିଲ ପଠାଇଥିଲେ ତହିଁରେ ଲେଖା ହୋଇ ଥିଲା କି ଦିନେ ପଥରେ ଭଦ୍ରାଲୋକ ହେବା ସମୟରେ ତୁମ୍ଭ ମୋକଦ୍ଦମା ବିଷୟ ଭାବନା ବାବଦ ୫୧୦ ଟଙ୍କା । କେତେକ ବର୍ଷ ପୂର୍ବେ ମାନ୍ଦ୍ରାଜରେ ଜଣେ ଉକିଲ ଘାଟରେ କଚେରୀକୁ ଯାଉଥିବା ସମୟରେ ଘଞ୍ଚ ବର୍ଷା ହେବାରୁ ଏକ ଗୋଦାମର ବାହାର ବାରଣ୍ଡା ତଳେ ଯାଇ ଠିଆ ହେଲେ । କେତେବେଳେ ସେ ଗୋଦାମଦାର ଆଇନ ସମ୍ବନ୍ଧୀୟ ସାମାନ୍ୟ ବିଷୟ ତାଙ୍କୁ ପଚାରିବାରୁ ସେ ତାହାଁର ଉତ୍ତର ଦେଲେ କିନ୍ତୁ ସେଥିପାଇଁ ତାହା ନାମରେ ଦଶଟଙ୍କାର ବିଲ କଲେ । ସେ ବିଲରେ ଲେଖା ହୋଇ ଥିଲା କି ବାହାର ବାରଣ୍ଡାରେ ଆଇନ ସମ୍ବନ୍ଧୀୟ ଉପଦେଶ ଦେବା ବାବଦ ୫୧୦ ଟଙ୍କା ଏପରି ଅନ୍ୟାୟ ଅର୍ଥଗ୍ରହଣ ଉକିଲମାନେ ଯାହାକରି ପାରିବେ କି ?

ଇନ୍ଦାନଗରର ମହାରାଜ ବାଗାରେ ଗୋଟିଏ ପୁସ୍ତକାଳୟ ସ୍ଥାପନ ନିମିତ୍ତ ୫୬୦୦୦ ଟଙ୍କା ଦାନ କରି ଅଛନ୍ତି ।

ଜାପାନଦ୍ୱୀପର କାକୁଡ଼ି ଖାଇଫ୍ଟୁ (ହାଃସ୍ୟ) କର୍ମ ହୁଏ । ଉତ୍ତରପଶ୍ଚିମରେ ଜଣେ ସେ କାକୁଡ଼ୀ ଲଗାଇଅଛି ତହିଁରେ ଯେ ଫଳ ହୋଇଅଛି ତହିଁର ଲମ୍ବ ଫୁଟ ୩ ଓ ମୋଟ ଏକ ଫୁଟ ହୋଇଅଛି ଓ ତାହା ଅଧିକ ବଢ଼ିପାରେ । କି ଚମତ୍କାର ! ଏ ଦେଶରେ ସୁଜଲାବସ୍ଥାରେ ପାଣିକଖାରୁ ଭଳି କାକୁଡ଼ୀ ହୁଏ ।

ଉତ୍ତରପଶ୍ଚିମ ପ୍ରଦେଶରେ ଗତବର୍ଷ ସ୍କୁଲର ସଂଖ୍ୟା ୧୦୭୧ ଓ ଛାତ୍ର ସଂଖ୍ୟା ୨୬୨୬୦ ଥିଲା । ୨୭୬୭ ବାଳିକା ଶିକ୍ଷା ପାଇଅଛନ୍ତି । ବୋଧହୁଏ ପ୍ରକାଶ ଯେ ସେ ପ୍ରଦେଶରେ ସ୍ତ୍ରୀଶିକ୍ଷା ପ୍ରଚାର ହେଉଛି । ଓଡ଼ିଶାରେ କାହିଁକି ହେଉ ନାହିଁ ?

ଲାହୋରରେ ଏକବ୍ୟକ୍ତି ଘଣ୍ଟ ଏକ ଲାଭ ମୋହନଭୋଗରେ ସୁଖେଦଦାସ୍ ଧନୀ ହୋଇଅଛି ସେ କାଲି ଭଣ୍ଡାରଭଲ ପଣ୍ଡିତଲ ଏକଟି ଏକ ସ୍କୁଲର ଅଧ୍ୟକ୍ଷଙ୍କ ହାତ ଦାନ କରି ତାହାଙ୍କ ନିମିତ୍ତ ବୋଲି ଗୃହଟିଏ ଓ ପ୍ରସ୍ତୁତ କରି ସରକାରଙ୍କୁ ପ୍ରଦାନ କଲେ ତହିଁରେ ଲେଖାଅଛି କି ଯେବେ ସେମାନେ ୫୨୦୦୦ ପାଉଣ୍ଡ ପାଇବେ ତେବେ ସରକାରରେ ତାହାଙ୍କ ଚାକିରି ରକ୍ଷା କରାଇ ଦେବେ । କାଳପୂର୍ବ ତହିଁରେ ବିଶ୍ୱାସ କରି ଧ୍ରୁବାଶଙ୍କୁ ଉଲ୍ଲଙ୍ଘଣାରୁ ଅଧେ ଟଙ୍କା ଦେଇ ବଦାନ୍ୟ କଲେ ସେ ଉକ୍ତ ଦେଶର ବାହାର ନ ଯାଇ ସେ ଟଙ୍କା ସ୍ୱଥରେ ଲଗାଇ ଦେଲା ଜଳପୂର୍ଣ୍ଣ ବିଲାତରୁ ଆଜି ପର୍ଯ୍ୟନ୍ତ ଜାଣିପାରି ପୁଲିସରେ ସମ୍ବାଦ ନେବାରୁ ସେ ଧରା ପଡ଼ିଅଛି । କତି ଲୋକମାନେ ବହୁତ ଏହିପରି ଠକଙ୍କ ହସ୍ତରେ ପଡ଼ନ୍ତି ।

ବମ୍ବେଇରେ ପ୍ଲେଗରୁ କୋଟାଏ ବୋଟାବ ଲାଗିପଡ଼ିବାରୁ ୧୧ ଣ ମନୁଷ୍ୟ ପ୍ରାଣରେ ହତ ଓ ଅତି ବହୁଜଣ ଆହତ ହୋଇଅଛନ୍ତି ।

ଓଏବଷ୍ଟାରେ ଭିକ ଗଣନାର ବିଜ୍ଞାପନ ହେଉଅଛି ଯେ ଗଲିତମାସ ତା ୩୦ ରଖ ପର୍ଯ୍ୟନ୍ତ ଉଦ୍ଧେଶବନ ଶ୍ରେଣୀ ହେବ । ଏହାଙ୍କର ମେଘ ବାହାରଗଣନା ଅନେକ ପଡ଼ିବାର ଦେଖାଯାଏ ।

ସରକାରୀ ଗେଜେଟରେ ଜଣାଯାଏ ଯେ ପାଞ୍ଚ ଟଙ୍କିଆ ନୋଟ ବହୁତ ଚଳପ୍ରଚଳ ହେଉଅଛି ଓ ବଜାରରେ ଲୋକେ ଏହାକୁ ବହୁତ ନେଉଅଛନ୍ତି । କିନ୍ତୁ ଆମ୍ଭେମାନେ ଏ ଦେଶର ବଜାରରେ ପର୍ଯ୍ୟନ୍ତ ଏପରି ନୋଟ ଚଳପ୍ରଚଳ ହେବାର ଦେଖୁ ନାହୁଁ ।

ସ୍ୱାସ୍ଥ୍ୟବାଚକ ଗତବର୍ଷ ଉଚିତ ବେତନଭୋଗୀ କର୍ମଚାରୀ ନିଯୋଗ କରିବାର ପ୍ରସ୍ତାବ ହେଉଅଛି ବୋଲି ଜେଲରୁ ଅବଗତ ହୋଇଅଛନ୍ତି ଏହାଦ୍ୱାରା ସରକାରଙ୍କର ଲାଭ ହେବ ସତ ମାତ୍ର ଲୋକଙ୍କ ସୁବିଧା ପକ୍ଷରେ କିଛି ଅଧିକ ହେବ କି ନାହିଁ ଅମ୍ଭେମାନେ କହି ନ ପାରୁ ।

ଗତମାସ ତା ୨୯ ରଖରେ ମାନ୍ୟବର ଲେଫ୍ଟନେଣ୍ଟ ଗବର୍ଣ୍ଣର ସାହେବ କଲିକତାକୁ ପ୍ରତ୍ୟାଗମନ କଲେ ସାହେବ ପ୍ରଶଂସିତ ହଜାରିବାଗ, ଛପରା ପାଟନା ଗୋରଖପୁର ପଞ୍ଚତ ସ୍ଥାନମାନ ସନ୍ଦର୍ଶନ କରି ଆସିଅଛନ୍ତି ।

ଢାକାନଗରବାସୀମାନଙ୍କୁ ଉତ୍ତମ ଜଳ ଯୋଗାଇବା ଉଦ୍ଦେଶ୍ୟରେ ଢାକା ଅଧିବାସୀ ସି, ଏନ୍, ଆଇ, ଓ ତାହାଙ୍କ ପୁତ୍ର ଏକଲକ୍ଷ ଟଙ୍କା ଦାନ କରିଅଛନ୍ତି । ଏହାଙ୍କର ଧନ ଅର୍ଜନ ସାର୍ଥକ ଓ ଧନ୍ୟ ଏହାଙ୍କର ବଦାନ୍ୟତା ।

---

ଏହି ଉତ୍କଳଦୀପିକା ସହର କଟକ ଦର୍ଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୮ | ଭାଗ ୮ ଉତ୍କଳ ସନ ୧୮୭୩ ମସିହା ୪ ଜାନୁଆରି । ପୌଷ ୨୨ ସନ ୧୨୮୦ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ୨।
ସଂଖ୍ୟା ୧ | | ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୩
| | ମଫସଲ ଗାଁଠ ଡାକମାସୁଲ ୨।୵

ଅଦ୍ୟ ୧ ଜାନୁଆରି ଗଲେ ସନ ୧୮୭୩ ପ୍ରବେଶ କରିବାର ପ୍ରକାଶ ହୋଇବ । ଅମ୍ଭେମାନେ ଏବର୍ଷ ଆଉ ପାଠକମାନଙ୍କ ସହିତ ସାକ୍ଷାତ୍ କରି ପାରିବା ନାହିଁ । ଆଗାମୀ ପତ୍ରିକା ନୂତନବର୍ଷରେ ବାହାରିବ ମୁହୂର୍ତ୍ତମାତ୍ରକୁ ଛାଡ଼ି ଆର ଅଣା ନ ଥାଏ ଏଥିକୁ ଯେ ଏକବର୍ଷ ଅମ୍ଭେମାନେ ଭବିଷ୍ୟଲେ ଦେଖଯାଏ ଉତ୍କଳ ଏହି ନୂତନବର୍ଷରେ ପଦାର୍ପଣ କରିବାକୁ ଅଣା ନାଇ ଅଛୁଁ ଏଥିପାଇ ପାଠକଙ୍କ ନିକଟରେ ଶତ ଧନ୍ୟବାଦ ଦେଉଅଛୁଁ । ବର୍ଷଟୀ ଶେଷ ହେଲା ଉତ୍ତାପ ଏଥିର ବିସ୍ତାରିତ ବିବରଣ ଏପକ୍ଷେ ଲେଖିବୁଁ ମୋଟ ହିସାବରେ ଦେଖାଯାଏ ଯେ ବର୍ଷ ମଧ୍ୟରେ ଯାହା କିଛି ଭାବନା ହୋଇ ଥାଇ ବର୍ଷ ଶେଷ ସମୟରେ ସମସ୍ତେ ସୁଖରେ ଅଛନ୍ତି । ଫସଲ କଷ୍ଟାବଷ୍ଟି ସଙ୍କଟରେ ଲାଗି ରହିଅଛି ଓ ଫସଲ ଦେଖି ସମସ୍ତଙ୍କ ଚିନ୍ତା ଦୂର ଯାଉଅଛି । ସେବର ଗାଦୁର୍ଭିକ୍ଷ ବର୍ତ୍ତମାନ କିଛି ନାହିଁ । ଅତଏବ ସନ୍ତୋଷ ସହକାରେ ବର୍ଷଟୀ ଉତ୍ତମରୂପେ ଶେଷ ହୋଇଅଛି ।

---

ଇଂଲଣ୍ଡ କେତେବେଳେ ଧନୀବାଣିଜ୍ୟ ଓ ସେଠା ଲୋକେ କି ପରିମାଣରେ ଅର୍ଥୋପାର୍ଜନ କରନ୍ତି ତହିଁର କୋଟିଏ ଭାଲଚା ପ୍ରେଣ୍ଡ ଅବ୍ ଇଣ୍ଡିଆ ଜଣେ ସଫେସରଙ୍କ ଲେଖିଅଛନ୍ତି ତହିଁରୁ ଜଣାଯାଏ ଯେ ଦଶବର୍ଷମଧ୍ୟରେ ପଞ୍ଚଲକ୍ଷ ଟଙ୍କାର ଅଧିକ ସମ୍ପତ୍ତି ରଖି ମଲେ ଅଛନ୍ତି ଏମନ୍ତ ଲୋକ ୭୬୧ ଣ ଦେଖାଯାଇ ଅଛନ୍ତି ବର୍ଷକରେ ପଞ୍ଚଲକ୍ଷ ଟଙ୍କା ଆୟ କରନ୍ତି ଏମନ୍ତ ଅତେକହଜାରର ଅଧିକ ଲୋକ ଅଛନ୍ତି । ବର୍ଷକରେ ପଞ୍ଚାଶହଜାର ଟଙ୍କାର ଅଧିକ ଆୟ କରନ୍ତି ଏମନ୍ତ ୬୦୦୦ ଲୋକର ଅଧିକ ଅଛନ୍ତି । ଏସବୁ ଆୟ କେବଳ ଭୂମି ସମ୍ପତ୍ତିରୁ ହୁଏ ଏମନ୍ତ ନୁହେ ନାନାପ୍ରକାର ବାଣିଜ୍ୟ ଓ ଶିଳ୍ପକାର୍ଯ୍ୟ ଉପାର୍ଜନ ହେଉଅଛି । ଧନ କେତେ ଠକ ଜମା ହେଉଅଛି ତହିଁର ଇୟତ୍ତା ନାହିଁ । ଇଂଲଣ୍ଡର ଜୋଏପ୍ରଧାନ ଧନଶାଳୀ ସମ୍ଭ୍ରାନ୍ତର ବାର୍ଷିକ ଆୟ ଏତେ ଯେ ଭାରତବର୍ଷରେ ଗବର୍ଣ୍ଣମେଣ୍ଟଙ୍କ ଆୟ ତେତେ ନୁହଇ । ଏତେ ଧନ କେଉଁଠାରୁ ଉପାର୍ଜନ ହେବାର କାରଣ କି ? ଯେଉଁମାନେ ଇଂରେଜଙ୍କ ଚରିତ୍ର ପ୍ରତି ଲକ୍ଷ କରି ଦେଖୁଅଛନ୍ତି ସେମାନଙ୍କୁ ଏକଥା ବୁଝିବାର କଠିନ ନୁହଇ । ଏଠାଲୋକେ ପେଟେ ଖାଇବାକୁ ପାଇଲେ ଚିନ୍ତି ଲାଭ କରି ଘରେ ପଡ଼ି ରହନ୍ତି ଉପାର୍ଜନ କରିବାଦ୍ୱାରା ଆପଣା ଅବସ୍ଥା ଉନ୍ନତ କରିବାକୁ କଦାଚ ଚେଷ୍ଟିତ ହୁଅନ୍ତି ନାହିଁ । ଚେଷ୍ଟା ଥିଲେ ଯେ ଅର୍ଜନ ନ ହୁଅନ୍ତା ଏମନ୍ତ କିଛି କଥା ନାହିଁ କେବଳ ଆଳସ୍ୟ ହେତୁରୁ ଏମାନେ କୌଣସି ପରିଶ୍ରମ ବା ଅର୍ଥକର ବ୍ୟବସାୟରେ ମନୋନିବେଶ କରିବାକୁ ସୁଖ ପାନ୍ତି ନାହିଁ । କେବଳ ଅସ୍ମଦ୍ଦେଶର ଏସବୁ ବିଷୟ କୋଲଯାଇ ନ ପାରେ ।

---

ଗତପତ୍ରିକାରେ ଅମ୍ଭେମାନେ ବାଲେଶ୍ୱର ସମ୍ବାଦବାହିକାରୁ ଯେଉଁ ଇଉରୋପୀୟ ବାଜିକରଙ୍କର ବିବରଣ ଉଦ୍ଧୃତ କରିଥିଲୁଁ ସେମାନେ କଟକ ନଗରରେ ପ୍ରବେଶ ହୋଇ ଆପଣା ଗୁଣ ଦେଖାଉ ଅଛନ୍ତି । ଗତବୁଧବାର ମଧ୍ୟରେ ଦୁଇ ଥର ଏମାନଙ୍କର ବାଜି ହୋଇଥିଲା । ତାହା ଦେଖିବା ପାଇଁ ପାଖ ୭୦୦ ଲୋକ ଯାଇଥିଲେ ଏ ବାଜି ଗୋଟିଏ ବୃହତ୍ ଗୃହ ମଧ୍ୟରେ ହୋଇଥିଲା ଓ ଦର୍ଶକମାନେ ଟିକଟ ନେଇଥିବା-ଦ୍ୱାରା ତହିଁ ମଧ୍ୟରେ ପ୍ରବେଶ କରିଥିଲେ । ବାଜିର ବିସ୍ତାରିତ ବିବରଣ ଯେପ୍ରକାର ବାଲେଶ୍ୱର ସମ୍ବାଦବାହିକାରେ ଲେଖାଅଛି ତଦ୍ରୂପ ଅଟଇ । ଦୌଡ଼ୁଥିବା ଘୋଡ଼ାଉପରେ ବସିବା ଛିଡ଼ା ହେବା ନାନାପ୍ରକାର ନୃତ୍ୟକରିବା ଏବଂ ଦୌଡ଼ନ୍ତି ଲାଇ ତହିଁରେ ବାଜି କରିବା ଦେଖିବାକୁ ବଡ଼ ଆଶ୍ଚର୍ଯ୍ୟ ଓ କୌତୁକାବହ ହୋଇଥିଲା ଓ ଦର୍ଶକମାନେ ସନ୍ତୋଷବରେ ଆନନ୍ଦିତ ହୋଇ ଥରକୁଥର ବାଜିକରଙ୍କର ପ୍ରଶଂସା କରିଥିଲେ ଓ କରତାଳି ଦ୍ୱାରା ତାହାଙ୍କୁ ଧନ୍ୟବାଦ ଦେଉଥିଲେ । ବାସ୍ତବରେ ଏପ୍ରକାର ବାଜି ଦେଖିବା ଉପଯୁକ୍ତ ଅଟଇ ।

ଯେଉଁମାନେ ମାନ୍ଦ୍ରାଜର ସରକସ୍ ବାଲଙ୍କ ବାଜି ଦେଖି ଅଛନ୍ତି ସେମାନେ ଏହାଙ୍କ ବାଜିର ପରିଚୟ ନ ଦେଖି ସୁଖ ପାଇ ପାରନ୍ତି ଓ ଦୁହିଙ୍କ ବାଜି ଏକାପ୍ରକାର ହେଲେହେଁ ଏହା ବିଷୟରେ ଊଣା ଅଧିକ ଅଛି । ମାନ୍ଦ୍ରାଜବାସ-

Digitized by srujanika@gmail.com

Split by PDF Splitter



ମାନେ ଭଲେ ବହୁତ ପ୍ରକାର କସରତ୍ ଦେଖାଇ ଥିଲେ । ଏମାନେ ଘୋଡା ପିଠିରେ ଏବଂ ଦୌଡା ଉପରେ ଅଧିକ କସରତ ଦେଖାଇ ଅଛନ୍ତି । ଫଳତଃ କସରତ୍ ବର୍ଷକରେ କେତେ ଆହାରକୁ ଜଣା ନ ହନ୍ତି ତେବେ ଅନ୍ତିଲ୍ ଏଟିକ ଯେ ଏ କାଙ୍ଗରମାନେ ଛିଙ୍ଗିତ ହବାର କଥ ପରସ୍ପର ଓ ଶୃଙ୍ଖଳାରେ କାର୍ଯ୍ୟ କରି ଅଛନ୍ତି ଅମ୍ଭେମାନେ ସ୍ୱୟଂ ଏ କାର୍ଯ୍ୟ ଦେଖିଅଛୁଁ ଓ ସାହସ ପୂର୍ବକ ପାଠକମାନଙ୍କୁ ଅନୁରୋଧ କରୁଅଛୁଁ ଯେ ଏପ୍ରକାର କାର୍ଯ୍ୟ ସେମାନେ ଦେଖନ୍ତୁ । ଏଥିରେ ୫ଙ୍କାଏ ମସାଏ ଯାହା ବ୍ୟୟ ହେଉଅଛି ତାହା ପାଣିରେ ପଡଲପ୍ରାୟ ହେବ ନାହିଁ ।

ଶୀଘ୍ର ଭଦ୍ରବ୍ୟକ୍ତିଙ୍କ ବାଜି ଦେଖାଇବାର ପ୍ରଥା ଏଠାରେ ଅଳ୍ପ ଦେବେ ପ୍ରଚଳିତ ହେବାର ଦେଖା ନ ଥିଲା । ମହାସୁନ୍ଦର ସରକସ୍ ବାଲାମାନେ ୫ଙ୍କା ବନ୍ଦୋବସ୍ତ କରି କାର୍ଯ୍ୟ ଦେଖାଇଥିଲେ ଓ ଛଅଦିନରେ ସେମାନେ ଭୁଲଥିବାରେ ପ୍ରାୟ ୫୬୦ ଟଙ୍କା ପାଇଥିଲେ । ଏ ସାହେବମାନେ ଶୀଘ୍ର ଭଦ୍ରବ୍ୟକ୍ତିଙ୍କ ଉପାୟଦ୍ୱାରା ପ୍ରଥମରାତିରେ ୫ ୧୨୫ ପାଇଲେ ଦ୍ୱିତୀୟରାତିରେ କେତେ ହୋଇଥିଲା ଜଣା ନାହିଁ । ବୋଧ ହୁଏଇ ସେଦିନ ମଧ୍ୟ [illegible] ଜଣା ହୋଇ ନ ଥିବ କାରଣ ଯେଉଁମାନେ ପ୍ରଥମଥର ଦେଖି ଥିଲେ ସେମାନଙ୍କ ମଧ୍ୟରୁ ଅନେକେ ଦ୍ୱିତୀୟଥର ଦେଖିବାକୁ ଯାଇଥିଲେ । ମଣ୍ଟିସ୍ୱରବାଲାମାନେ ଯେବେ ଶୀଘ୍ରର ଉପାୟ ପ୍ରଚଳିତ କରି ଥାନ୍ତେ ତେବେ ସେମାନଙ୍କର ଅଧିକ ଲାଭ ହୋଇ ଥାନ୍ତା ସନ୍ଦେହ ନାହିଁ କିନ୍ତୁ ସେମାନେ ଦେଶୀୟ ଲୋକ ବୋଲି ବ୍ୟବସାୟ କରିବାର ରୀତି ଜାଣି ନ ଥିଲେ ଇଂରେଜମାନେ ଯେ କୌଣସି ବ୍ୟବସାୟ କରନ୍ତି ତହିଁରେ ଅସୀମ ସାହସ ଓ ବୁଦ୍ଧି ଯୋଗ କରନ୍ତି ତେଣୁ ସେମାନଙ୍କର ଲାଭ ବିଶେଷ ହୁଅଇ । କେବେ ଅସ୍ମଦେଶୀୟ ଲୋକମାନେ ଏରୂପ ବ୍ୟବସାୟ ଚଳାଇବାକୁ ସମର୍ଥ ହେବେ ଅମ୍ଭେମାନେ ଅନୁମାନ ସୁଦ୍ଧା କରିପାରୁ ନାହିଁ ।

---

### ଗଡଜାତରେ ଚୌର୍ଯ୍ୟର ପ୍ରାବଲ୍ୟ ।

ଗଡଜାତମାନଙ୍କରେ ବହୁତ ଚୋରୀ ହେବାର ଶୁଣାଯାଏ ଓ ମୋଗଲବନ୍ଦିଲୋକେ ଏଥି ଲାଗି ଅତି ସାବଧାନପୂର୍ବକ ଗଡଜାତମାନଙ୍କୁ ଯାନ୍ତି । ଯେଉଁମାନେ ବ୍ୟବସାୟ ଉଦ୍ଦିଶ୍ୟ ସର୍ବଦା ଯାତାୟାତ କରନ୍ତି ସେମାନେ ଏକତ୍ରଭାବ ପରସ୍ପର କହାଇଥିବାର ଉଦାହରଣ ଦେଖ [illegible] ଲୋକ ଯେଉଁମାନେ ନୂଆ ଯିବାଆସିବା କରନ୍ତି ସେମାନଙ୍କର କ୍ଲେଶ ଅଧିକ । କଣ୍ଟାଲଙ୍କ ପୂର୍ବ କଥେକ ଦିନ ହେଲା ତେଙ୍କାନାଳି ଜାଇଟିଚର ପ୍ରଭୃତି ଗଡଜାତକୁ ପୁସ୍ତକ ବିକ୍ରୟ ପାଇଁ ଯାଇଥିଲା ତାହାଠାରୁ ଶୁଣିଲୁଁ ଯେ ତାଳଚେର ଭୟରେ କେହୁ ତାହାକୁ ବସାକର ରହିବାକୁ ଘରଦୁଆର ଦେବାକୁ ସମ୍ମତ ହେଲେ ନାହିଁ । ଯାହାପାଖକୁ ଗଲା ସେ କହିଲା ଯେ ଘରେ ବସାଦେଲେ କେଜାଣି ଯେବେ ସରକାରୀ ମାଲ ଚୋରୀ ଯିବ ତେବେ ତାହାକୁ ଝଞ୍ଜଟରେ ପଡିବାକୁ ହେବ ଏରୂପ ଘଟଣା ତାଳଚେରରେ ହୋଇଥିଲା । ଅମ୍ଭେମାନେ ପ୍ରଜାମାନଙ୍କୁ ଏଥିପାଇଁ ଦୋଷୀ କରୁ ନାହୁଁ । ସେମାନେ ସାମାନ୍ୟ ସରଳଲୋକ ଓ ଅପଣା ରକ୍ଷାନିମିତ୍ତ ବ୍ୟସ୍ତ ବିଦେଶୀକୁ ଘରେ ରଖିଲେ କାଳେ କିଛି ନଷ୍ଟ ଅଧିକ ହେବ ତେତେବେଳେ ସେ କ୍ଲେଶରେ ପଡିବ ଏମନ୍ତ ଭୟ କରିବା ଅଯୁକ୍ତ ନୁହଇ । କିନ୍ତୁ ଚୌର୍ଯ୍ୟ ଅପରାଧ ନିବାରଣ ନିମିତ୍ତ ରାଜାଙ୍କର ବନ୍ଦୋବସ୍ତକୁ ଅମ୍ଭେମାନେ ଦୂଷଣୀୟ ଜ୍ଞାନ କରୁଅଛୁଁ । ଯେଉଁ ସ୍ଥାନର ଲୋକମାନେ ତାହା ଭଲରୂପେ ଜାଣିଅଛନ୍ତି ଯେ ତାହାଙ୍କ ସ୍ଥାନରେ ସର୍ବଦା ଚୋରୀ ହୁଅଇ ଅଥବା ଯେଉଁମାନେ ସର୍ବଦା ଚୋରୀର ଶଙ୍କା କରନ୍ତି ସେ ସ୍ଥାନରେ ଯେ ଚୋରଙ୍କ ପ୍ରତାପ ଅଧିକ ଏ କଥା ପ୍ରମାଣ କରିବାର ଅଳ୍ପ ଆବଶ୍ୟକ ନାହିଁ ଓ ଯେପରିମାଣରେ ଚୋରଙ୍କ ପ୍ରତାପ ଅଧିକ ସେ ପରିମାଣରେ ରାଜଶାସନ ଶିଥିଳ ଓ କଳଙ୍କିତ ଅଟଇ । ଅମ୍ଭେମାନେ ତାଳଚେରର ଅବସ୍ଥା ଉଦାହରଣସ୍ୱରୂପ ଲେଖିଲୁଁ ମାତ୍ର ପ୍ରକୃତରେ ଅନେକ ଗଡଜାତର ଅବସ୍ଥା ଏହିରୂପ ଅଟଇ ବରଂ ଏକ ୨ ଗଡଜାତ ବିଷୟରେ ଏମନ୍ତ ଶୁଣା ଯାଇଅଛି ( ଏ କଥା କେତେଦୂର ବିଶ୍ୱାସଯୋଗ୍ୟ କହି ନ ପାରୁଁ ) ଯେ ରାଜା ମଧ୍ୟ ଚୋରଙ୍କଠାରୁ ଭାଗୀଦାର ହୁଅନ୍ତି ।

ଅନେକ ଗଡଜାତରେ ଚୋରୀବ୍ୟବସାୟ ଏକା ପାଣମାନଙ୍କଦ୍ୱାରା ହେବାର ଦେଖାଯାଏ । ଏହାଙ୍କ ଜାତିରେ ଚୋରୀ କୌଣସି ଅପରାଧ ବୋଲି ଗଣ୍ୟ ନୁହଇ ଏମାନେ ଚୋରୀ କରିବାକୁ ଅପଣା ଜାତିର ଉଚିତ ବ୍ୟବସାୟ ବୋଲି ଜ୍ଞାନ କରନ୍ତି । ଏ କୁସଂସ୍କାର ଏମାନଙ୍କ ମନରେ ଏତେ ବଦ୍ଧମୂଳ ହୋଇଅଛି ଯେ ପୁତ୍ର ୧୨ ବର୍ଷ ପାଇଲେ ପିତା ତହିଁରେ ଅସ୍ତ୍ର କରନ୍ତି ନାହିଁ ଓ ଅପଣା ପୈତୃକ ବ୍ୟବସାୟ କରୁଅଛନ୍ତି ବୋଲି ଅକାତରଚିତ୍ତେ ଚୋରୀର ଦଣ୍ଡମାନରେ ଥାନ୍ତି । ଅତଏବ ଦେଖାଯାଏ ଯେ ଗଡଜାତରେ ଚୌର୍ଯ୍ୟଅପରାଧ ଯେମନ୍ତ ଅଧିକ ତାହା ନିବାରଣ କରିବାର ଉପାୟ ମଧ୍ୟ ତେମନ୍ତ ସଙ୍କଟ ଅଟଇ । କାରଣ କେବଳ ଏକଜାତିର ଲୋକମାନେ ଚିରକାଳ ଅପରାଧ କରନ୍ତି ଓ ତାହାଙ୍କୁ ଦମନ କଲେ ଚୋରୀ ନିବାରଣ କଠିନ ହେବ ।

ସ୍ୱେଚ୍ଛାଚାରିତା ନିଜ ସ୍ୱଭାବର ଅଟଇ ଓ ବହୁତଲୋକ ସୁଯୋଗ ପାଇଲେ ଏହି ବୃତ୍ତିଦ୍ୱାରା ଧନ ଅର୍ଜନ କରନ୍ତି । ବିବେଚନା କରି ଦେଖିଲେ ଯେବେ ଏକ ବ୍ୟକ୍ତିର ବହୁକାଳର ପରିଶ୍ରମର ଫଳ ହସ୍ତଗତ ହୁଅଇ ତେବେ ଅନ୍ୟ ପରିଶ୍ରମ କରିବାର ପ୍ରୟୋଜନ କି ? ଧର୍ମାଧର୍ମ ବିବେଚନା କରି ସମସ୍ତେ କାର୍ଯ୍ୟ କରନ୍ତି ନାହିଁ । ଅନେକଲୋକ ପାପକର୍ମଦ୍ୱାରା ଧନଲାଭ କରିବାର ଚେଷ୍ଟାରେ ଥାନ୍ତି କେବଳ ଦଣ୍ଡଭୟରେ ତାହା ସର୍ବଦା କାର୍ଯ୍ୟରେ କରି ପାରନ୍ତି ନାହିଁ । ଯେଉଁଠାରେ ଦଣ୍ଡଭୟ ନାହିଁ କିମ୍ବା ଚୋରଙ୍କୁ ଧରିବାର ଉତ୍ତମ ବନ୍ଦୋବସ୍ତ ନାହିଁ ସେଠାରେ ଯେ ଅଧିକ ଚୋରୀ ହେବ ଏଥିରେ ଆଶ୍ଚର୍ଯ୍ୟ କି ଅଛି ? ପ୍ରଜାଙ୍କ ଧନ ଓ ପ୍ରାଣ ପରିରକ୍ଷା ଅଧିକାରୀଙ୍କର ରାଜାଙ୍କର ପ୍ରଧାନ କର୍ମ ହେଉଅଛି । ଯେଉଁ ରାଜା ଉତ୍ତମରୂପେ ଏ କାର୍ଯ୍ୟ କରି ନ ପାରେ ସେ ଯେତେ ଧାର୍ମିକ ବା ନ୍ୟାୟବନ୍ତ ହେଉ ରାଜପଦର ଯୋଗ୍ୟ ନୁହଇ ଓ ସେରୂପ ବ୍ୟକ୍ତିକୁ ରାଜାସନରେ ବସାଇବା ମହାପାପ ଅଟଇ । ଗଡଜାତରାଜାମାନଙ୍କୁ କେତେକ ବିଷୟରେ ଗବର୍ଣ୍ମେଣ୍ଟ ସ୍ୱାଧୀନ କରିଦେଇ ଅଛନ୍ତି ଓ ତାହାଙ୍କ ରାଜ୍ୟମଧ୍ୟରେ ଚୋରୀ ଇତ୍ୟାଦି ଅପରାଧ ହେଲେ ଗବର୍ଣ୍ମେଣ୍ଟ ତାହା ବୁଝନ୍ତି ନାହିଁ । ଅମ୍ଭେମାନେ ଗଡଜାତରାଜାଙ୍କର ଏରୂପ ଅଧିକାରକୁ ମନ୍ଦ ବୋଲୁଁ ନାହିଁ କିନ୍ତୁ ଅମ୍ଭମାନଙ୍କର ଏମନ୍ତ ବିଶ୍ୱାସ ହେଉଅଛି ଯେ କୌଣସି ରାଜା ଅପଣା ପ୍ରଜା ଅଥବା ପର ସ୍ଥାନରୁ ଆସିଥିବା ଲୋକଙ୍କ ରକ୍ଷା ବିଷୟରେ ଯେବେ ଉଚିତ ଉପାୟ କରିବାକୁ ଅକ୍ଷମ ହୁଅଇ ତେବେ ଗବର୍ଣ୍ମେଣ୍ଟ ତାହାକୁ ରାଜପଦର ଅନୁପଯୁକ୍ତ ବିବେଚନା କରି ତାହାର ରାଜ୍ୟକୁ କୋର୍ଟ ଅଫ୍ ୱାର୍ଡସରେ ରଖିପାରନ୍ତି । ଏରୂପ ହସ୍ତକ୍ଷେପ ନ କଲେ ଗଡଜାତମାନଙ୍କ ଉନ୍ନତି ହୋଇ ନ ପାରେ । ଗବର୍ଣ୍ମେଣ୍ଟ ଯେମନ୍ତେ ପ୍ରଜାଙ୍କ ସଦାଚାର ଅପରାଧର ବାର୍ଷିକ

Digitized by srujanika@gmail.com

ତାଲିକା ଗ୍ରହଣ କରନ୍ତି ତେବେ ସେହି ସଙ୍ଗେ ଆପଣା ପ୍ରଜାମାନଙ୍କୁ କିରୂପେ ରକ୍ଷିଅଛନ୍ତି ଅନାୟାସରେ ପ୍ରକାଶ ହେବ ଓ ରାଜାମାନେ ମଧ୍ୟ ପରସ୍ପରର କାର୍ଯ୍ୟ ଦେଖି ଆପଣା୨ ରାଜ୍ୟର କାର୍ଯ୍ୟ ଭଲରୂପେ ଚଳାଇବାକୁ ଯତ୍ନବାନ୍ ହେବେ ।

ଗଡ଼ଜାତରାଜାମାନେ ଯେ ସେସ୍ ବନ୍ଦ କରିବା ଏବଂ ସେଥିରେ ଧରିବାର କୌଣସି ବନ୍ଦୋବସ୍ତ କର ନାହାନ୍ତି ଏମନ୍ତ ନୁହେ ବାସ୍ତବରେ ସେମାନେ ଅନେକ ଯାତ୍ରୀଗିରଭୂମ ଦେଇ ତୌଲକ୍ଷ୍ମୀ ଦଣ୍ଡ ଆସି ଇତ୍ୟାଦ ଗର୍ଭମେଣ୍ଟର ସେସ୍ କରଅଛନ୍ତି ମାତ୍ର କାର୍ଯ୍ୟର ଶୃଙ୍ଖଳା ନାହିଁ ଓ ଗୌଡ଼ାଦ୍ୟମାନେ ଯେରୂପ କାର୍ଯ୍ୟ କରୁଅଛନ୍ତି ତହିଁର ତତ୍ତ୍ୱାବଧାରଣ ମଧ୍ୟ ନାହିଁ । ଯାହା ଅଛି ତାହା ଅତିସାମାନ୍ୟ ଓ ତହିଁର ଫଳ ଏହି ଦେଖା ଯାଉଅଛି ଯେ ସେସ୍ ବନ୍ଦ ନାହିଁ । ରାଜାମାନେ ଯେବେ ପାଣମାନଙ୍କୁ ଅଟକରେ ରଖିବେ ଓ ଏକରାଜ୍ୟର ପାଣ ଅପରରାଜ୍ୟରେ ସେସ୍ କଲେ ଗବର୍ଣ୍ଣମେଣ୍ଟ ରାଜାଙ୍କୁ ଦାୟୀ କରିବେ ତାହା ହେଲେ ଅଳ୍ପକାଳରେ ସେସ୍ ବନ୍ଦ ହେବ ସନ୍ଦେହ ନାହିଁ । ଅମ୍ଭେମାନେ ଭରସା କରୁଁ ଯେ ଗଡ଼ଜାତରାଜାମାନେ ଏ ପକ୍ଷରେ ବିଶେଷ ମନୋଯୋଗୀ ହେବେ ।

---

ଅମ୍ଭମାନଙ୍କ ଜାଜପୁରସ୍ଥ କରେସପଣ୍ଡେଣ୍ଟ ଲେଖିଅଛନ୍ତି ଯେ ଏ ଜାଜପୁର ମୁକାମରେ କୌତୁକ ଆଶ୍ଚର୍ଯ୍ୟ କଥା ହୋଇ ଅଛି ଏହି ଯେ ଦକ୍ଷିଣେ ପଞ୍ଚକ୍ରୋଶ ତେଲଙ୍ଗୁ ବ୍ରାହ୍ମଣ କି ବେ ଶାସ୍ତ୍ରଜ୍ଞ ଓ ବେଦଅଭ୍ୟାସୀ ଅଟନ୍ତି ସ୍ମାର୍ତ୍ତ ବୈଷ୍ଣବମାନଙ୍କର ଗୁରୁ ହୁଅନ୍ତି ସେ ଏ ମୁକାମରେ ପ୍ରବେଶ ହୋଇ ଏଠା ସଦାବ୍ରତମଠ ମହନ୍ତ ବଳଭଦ୍ରଦାସଙ୍କୁ ମନ୍ତ୍ରଶିକ୍ଷା କରାଇ ସଙ୍ଗେ ତନ୍ତ୍ର ଚକ୍ର ଥାଇ ରୂପଗୋଟି ତପ୍ତ ଅଗ୍ନିରେ ତତାଇ ମହନ୍ତ ମଙ୍ଗଳଭୂରଙ୍କ ଦୁଇ ବାହୁରେ ଦେଇଅଛନ୍ତି ତାହା ଦେଖାଦେଖି ମହନ୍ତଙ୍କ ଶିଷ୍ୟମାନେ ଓ ଲୋକ ଗଣ ଦଶ ପନ୍ଦର ଜଣ ଓ ଅନ୍ୟଜଣେ ଗୃହୀ ଏହିରୂପ ଭଲ କରାଇଲେ ଭିନ୍ନ ବ୍ରାହ୍ମଣ ମନ୍ତ୍ର ଦେଇ ତାଙ୍କମାନଙ୍କ ହସ୍ତରେ ଶଙ୍ଖ ଚକ୍ର ତପ୍ତ ଦେବାରେ ତାଙ୍କମାନଙ୍କ ହାତକୁ ସାଥ ହୋଇଅଛି ସେମାନଙ୍କ ଭିନ୍ନ ବ୍ରାହ୍ମଣ ଦେଉଥିବା ମାଳି ତ୍ରିଶୂଳ ପ୍ରମାଦଗ୍ରସ୍ତ ଚକ୍ର ଆଦି ଦେବାର ଜିଜ୍ଞାସା କରିବାରେ ଅମ୍ଭେ ସେମାନଙ୍କୁ ପ୍ରଥମେ ଶିଷ୍ୟ ଦେଇଥିବା ମାଳା ତିଳକ ଓ ମନ୍ତ୍ରକୁ ସେମାନେ ପରତ୍ୟାଗ ଓ ତହିଁର ବର୍ତ୍ତମାନମନ୍ତ୍ର ଓ ତିଳକ ଧାରଣକଲେ ଗୁରୁଦ୍ରୋହୀ ହେବା ପ୍ରସଙ୍ଗ କହିବାରେ ସେମାନେ ସ୍ମାର୍ତ୍ତଙ୍କ ତିଳକ ନ କରି ଆପଣା ହାତମାନ ଯୋଡ଼ି ଶଙ୍ଖ ଚକ୍ର ଚିହ୍ନଦ୍ୱାରା ଘାଅମାନ ଯେଉଁ ମୁଣ୍ଡରେ ହାତଦେଇ ବସିଅଛନ୍ତି ବୈଷ୍ଣବମାନେ ଅଯୋଧ୍ୟା ଓ ଦ୍ୱାରକାରେ ଛାପ ଦେଉଥିବାର ଶୁଣାଅଛି ଏବେ ଜାଜପୁର ଦ୍ୱାରକା ହେବାର ଦେଖାଗଲା ।

ଏ ବର୍ଷ ଉତ୍ତର ମୁକାମର ଅସିଷ୍ଟାଣ୍ଟସାହେବ ଏ ମୁକାମରୁ ଅଠପାଏ ବାଟ ଅନ୍ତରରେ ବୈତରଣୀ ନଦୀ ଉତ୍ତରପାର୍ଶ୍ୱ ମଣିନାଥ ପୁରଠାରେ ଗମନକାଳେ ବହୁତମାନ ହୋଇଅଛନ୍ତି ହେବାରେ ଅଧିକ ବର୍ତ୍ତମାନ ବଳରେ ଧାନକ୍ଷେତ ଥିବା ଓ ବାଟଘାଟ ନ ଥିବା କାଳରେ ଗାଡ଼ି ଯିବାର ପଥ ନାହିଁ ସାହେବ ମୌଖିକ ଗ୍ରାମକୁ ଗ୍ରାମ ଯିବା ସକାଶେ ଅଗ୍ରେ ଚପରାସିମାନଙ୍କଦ୍ୱାରା ଲୋକଙ୍କ ଧାନକ୍ଷେତ କଟାଇ ଗୋଡ଼ରେ ଗାଲ ଟିକିଏ ସମାନ କରାଇ ଗାଡ଼ି ଚଳାଉଅଛନ୍ତି ଇସେଦପର ଗ୍ରାମ ଜଳକ ଜଳବାର ବସି ଧୂମଧାମ କରିବାରେ ଲୋକମାନେ ଅତ କାତର ଅଛନ୍ତି ଜାଜପୁର ଡେପୋଟୀ କଲେକ୍ଟର ଏହା ଦେଖି ଶୁଣି ବଡ଼ ଆଶ୍ଚର୍ଯ୍ୟ ହୋଇ ଲୋକମାନଙ୍କୁ କ୍ଲେଶ ନ ଦେଇ ବସ୍ତିଦ୍ୱାରା ଗମନକୁ ସମାଚାର ଜଣାଇ ଏ ଜାତିଆ ଓ ଅବସ୍ଥାର ପ୍ରଜାମାନଙ୍କ ଗମନର ଅବରେ ଏ ମୁକାମରେ ବହୁତମାନ ହୋଇଅଛନ୍ତି ଏସବୁ କହିବାକୁ ଓ ଛୋଟଦିନ ଏ ମୁକାମରେ ଯେଷ୍ଟର ପ୍ରଜାବର୍ଗ ଅତ କଷ୍ଟ ତରଫରୁ ଜଳପଥରେ ଗମନକରିବେ ଏହିଲାର ଫସଲ ନୋକ୍ସାନ ନାହିଁ ।

---

# ସାପ୍ତାହିକ ସଂବାଦ ।

ଶ୍ରୀଯୁକ୍ତ ଇଲ୍ଲିଅଟ ସାହେବ ଡିଏଷ୍ଟ ମାଜିଷ୍ଟ୍ରେଟ କଟକର କଲେକ୍ଟର ଓ ମାଜିଷ୍ଟ୍ରେଟଙ୍କ କର୍ମରେ ସ୍ମିଥ୍ ସାହେବ ଆସିବା ପର୍ଯ୍ୟନ୍ତ ଏକଟିଂ ହୋଇଅଛନ୍ତି ଓ ଭଡ଼କ ସାହେବ କାମରେ ଏକବ୍ୟକ୍ତି ଜଏଣ୍ଟ ମାଜିଷ୍ଟ୍ରେଟ ହୋଇ ଅଛନ୍ତି । ଏଥିରୁ ଅନୁମାନ ହୁଅଇ ଯେ ଇଲ୍ଲିଅଟ ସାହେବ କଟକର ଏକଟିଂ ରହିବେ ଓ ଆଉ କେହି ନୂତନ କଲେକ୍ଟର ଆସିବେ ନାହିଁ ।

ଶ୍ରୀଯୁକ୍ତ ଟେଲର ସାହେବ ବେଙ୍ଗାଲ ରେବିନ୍ୟୁ ସ୍ପେଶ୍ୟାଲ କମିଶନର ସନ ୧୮୭୦ ମସିହା ୧୦ ଆଇନ ଅନୁସାରେ ଓଡ଼ିଶା ପ୍ରଦେଶରେ କଲେକ୍ଟର ସାହେବଙ୍କ କ୍ଷମତା ପାଇଅଛନ୍ତି ।

କଲ୍ଲୀ ହିନ୍ଦୋଳରେ ହାତୀ ଧରିବା ପାଇଁ ସରକାରୀ ଖେଦା ହୋଇଅଛି । ଗତ ବଡ଼ଦିନ ସମୟରେ ଚାରୀ ବଡ଼ ଧରିବା ଯନ୍ତ୍ର ମଧ୍ୟରେ ପ୍ରବେଶ ହୋଇଥିବେ । ହାତୀଖେଦା ଦେଖିବା ବଡ଼ କୌତୁକ ବ୍ୟାପାର ଅଟଇ ଓ ଏଥିପାଇଁ କମିଶନର ସାହେବ ସେଠାକୁ ଯାଇଥିଲେ ଓ କଟକର ଅଡୁର ଟେଭେଲିଅନ ସାହେବ ଏବଂ ଅଠଗଡ଼, ବାମଣ୍ଡା, ନରସିଂହପୁର ଇତ୍ୟାଦ ରାଜାମାନେ ମଧ୍ୟ ସେଠାକୁ ଯିବାର କଥା ଥିଲା ।

ଆଗାମୀ ଫେବୃଏରୀମାସ ତା ୨୬ ରୁ ଗରେ ନେଟିଭ୍ ସିଭିଲ ସରବିସ ପରୀକ୍ଷା ଗୃହୀତ ହେବ ଏ ପରୀକ୍ଷା ସଂକ୍ରାନ୍ତ ହୁଗୁଲୀ, ଢାକା, କଟକ ଓ ଗୌହାଟିରେ ହେବାର ବନ୍ଦୋବସ୍ତ ହୋଇଅଛି । ଓଡ଼ିଶାର ପରୀକ୍ଷାର୍ଥିମାନେ ସମସ୍ତେ କଟକରେ ପରୀକ୍ଷା ଦେବେ କିନ୍ତୁ ଏମାନଙ୍କ ସଂଖ୍ୟା ଏବର୍ଷ କେତେ ହେବ ବୋଲିଯାଇ ନ ପାରେ ।

ଓଡ଼ିଶା ବିଷୟରେ ଅଭିଧାନ ପୁସ୍ତକ ବାହାରିବାର ଉଦ୍ୟମ ହେଉଅଛି । ବାବୁ ଗୋବିନ୍ଦଲାଲ ମିତ୍ର ତହିଁର ପ୍ରଣେତା ଓ ତାହା ମୁଦ୍ରାଙ୍କନର ବ୍ୟୟ ନିର୍ବାହ ନିମିତ୍ତ ଶିକ୍ଷାବିଭାଗର ଡାଇରେକ୍ଟର ୫୨୫୦୦ ଟା ଦେବାକୁ ଅନୁମତି ଦେଇଅଛନ୍ତି । ହଣ୍ଟରସାହେବ ଅନୁମାନ କରନ୍ତି ଯେ ଏ ପୁସ୍ତକ ଡାକ୍ତର ହଣ୍ଟରସାହେବଙ୍କ ସୁବିଧାର ଭଲ ହେବ ।

ନୂତନ ଫଉଜଦାରୀ କାର୍ଯ୍ୟବିଧି ଆଇନ ଯାହା ଜାନୁଏରୀମାସ ତା ୧ ରୁ ପର୍ଯ୍ୟନ୍ତ ସ୍ଥଗିତ ରହିଅଛି ତହିଁ ପକ୍ଷରେ ଭାରତବର୍ଷୀୟ ସଭା ବିଲାତକୁ ଯେଉଁ ଆବେଦନପତ୍ର ପଠାଇଥିଲେ ଷ୍ଟେଟସେକ୍ରେଟରୀ ତାହା ଅଗ୍ରାହ୍ୟ କରିଅଛନ୍ତି । ସାହେବ ମହୋଦୟ ଲେଖିଅଛନ୍ତି ଯେ ଅନେକ ପରାମର୍ଶରେ ନୂତନ ଆଇନ ପ୍ରସ୍ତୁତ ହୋଇଅଛି ଓ ଅନେକ ଗୁଡ଼ିଏ ହାକିମର ଇଚ୍ଛାନୁସାରେ ଏଥିରେ କିଛି ହୋଇଅଛି ସୁତରାଂ ଏହାକୁ ଏକାବେଳକେ ରହିତ କରିବା କର୍ତ୍ତବ୍ୟ ନୁହଇ । ନୂତନ କାର୍ଯ୍ୟ ଦେଖିଲେ ଯେଉଁ ଭୁଲ ଦୋଷ ଥିବ ତାହା ପ୍ରକାଶ ହେବ । ଏଥିରୁ ସ୍ପଷ୍ଟ ବୋଧ ହେଉଅଛି ଯେ ଆଗାମୀ ତା ୧ ଜାନୁଆରୀ ଆଇନ ଯଥାରୀତିରେ ପ୍ରଚଳିତ ହେବ ।

ମୃତ ମାର୍ଟିନ ସାହେବଙ୍କ କର୍ମରେ ଛାଉଣୀର କର୍ମଗୁପ୍ତ ଶ୍ରୀଯୁକ୍ତ ଜେପଜନସ ସାହେବ ସନ୍ଦିଗ୍ଧ

ଓଭରଜନର ବା ଇଞ୍ଜିନିୟରଙ୍କ ମଧ୍ୟରେ ଓଡ଼ିଆ ଅନ୍ତର୍ଗତ ଅଟଇ ଇଞ୍ଜିନିୟରଙ୍କର ନିଯୁକ୍ତ ହୋଇଅଛନ୍ତି । ଏଥିରେ ଶିକ୍ଷାବିଭାଗର ଅନ୍ୟ କର୍ମଚାରୀଙ୍କର ଅପେକ୍ଷା ଶୀଘ୍ର ଦେବାର ଜଣାଯାଏ କାରଣ ସେମାନଙ୍କର ପଦବୃଦ୍ଧିର ଯେଉଁ ଆଶା ଥିଲା ତାହାର ଲୋକ ଭର୍ତ୍ତି ହେବାରୁ ତାହା ବଦଳାଇ ହୋଇଅଛି ।

ବମ୍ବେର ସମ୍ବାଦପତ୍ରରେ ଲେଖାଅଛି ଯେ ସେଠାରେ ଜଣେ ବୃଦ୍ଧାସ୍ତ୍ରୀ ୭୬୭ ବର୍ଷ ବୟସରେ ପ୍ରାଣତ୍ୟାଗ କରିଅଛି । ଏସ୍ତ୍ରୀ ବଜାରରେ ପଇସା ଭିକ୍ଷାବ ବନ୍ଦିସ୍ତ କରି ଜୀବନ ଧାରଣ କରିଥିଲ ଦେବଲ ମୃତ୍ୟୁର ବେଳେ ମାସ ତାହା କରିପାର ନାହିଁ ।

କାଣ୍ପୁରର ଜଣେ ସମ୍ବାଦଦାତା ପ୍ରେରିତ ଅବଜରବରକୁ ଲେଖିଅଛନ୍ତି ଯେ ଷ୍ଟାକଲ କରେଷ୍ଟ ରେଜେଷ୍ଟ୍ରାର ଜେନରଲଙ୍କ ଅଫିସରେ ଅଗ୍ନିଲାଗି କରେଷ୍ଟ ଘର ଓ ଇଣ୍ଡରେ ଥିବା ସମସ୍ତ କାଗଜପତ୍ର ପୋଡ଼ି ଯାଇଅଛି । କିରୂପେ ଅଗ୍ନି ଲାଗି ଦେଲ କେହି ଜଣା ନାହିଁ ।

ବେତନଭୋଗୀ କର୍ମଚାରୀଙ୍କଦ୍ୱାରା ପୋଷ୍ଟଫିସ ଷ୍ଟାମ୍ପ ବନ୍ଦ ହୋବାର ନିୟମ ପ୍ରଚଳିତ ହେବାର ଆରମ୍ଭ ହୋଇଅଛି । କଲିକତା ହାଇକୋର୍ଟରେ ଦୁଇଜଣ ଷ୍ଟାମ୍ପବିକ୍ରେତା ନିଯୁକ୍ତ ହୋଇଅଛନ୍ତି । ଜଣକର ବେତନ ମାସକୁ ୫ ୮୦ ଟଙ୍କା ଓ ଜଣକର ୫ ୪୦ ଟଙ୍କା ଅଟଇ । ଏହିପରି ସ୍ମାଲ କଜ କୋର୍ଟ ଅଦାଲତରେ ଜଣେ ୫ ୭୦ ଟଙ୍କା ଓ ଅନ୍ୟ ଜଣେ ୫ ୩୫ ଟଙ୍କାରେ ନିଯୁକ୍ତ ହୋଇଅଛନ୍ତି । ମୋଫସଲର ବିକ୍ରେତାମାନେ କେତେ ଲେଖାଏ ବେତନ ପାଇବେ ସ୍ଥିର ହୋଇ ନାହିଁ ।

ଗବର୍ଣ୍ଣମେଣ୍ଟ ବଙ୍ଗାଳ ବିଜ୍ଞାପନ ଦେଇଅଛନ୍ତି ଯେ ପ୍ରତ୍ୟେକ ମାସର ଶେଷଦିନରେ ମୋଫସଲର ଟ୍ରେଜରିମାନ ପ୍ରଭୃତିର ହିସାବ କାଟିବାଦେଲେ ବନ୍ଦ ହେବ ଅର୍ଥାତ୍ ଉକ୍ତ ସମୟ ଜମାର ଟଙ୍କା ଦିଆଯିବ ହେବ ନାହିଁ । ଏରୂପ କରିବାର କାରଣ ଏହି ଯେ ମାସର ଶେଷଦିନରେ ହିସାବସବୁ ମୁକାବିଲ ଓ ଠିକ ହୋଇ ପାରବ ।

ସାହିତ୍ୟବିଜ୍ଞାନ ଓ ଶିଳ୍ପବିଦ୍ୟାର ଉନ୍ନତି କାରଣ ଶିକ୍ଷାବିଭାଗର ଲେଫ୍ଟେନାଣ୍ଟ ଗବର୍ଣ୍ଣରଙ୍କ ଦ୍ୱାରାଇ ଅଛି ଇଣ୍ଡିଆର ଇଣ୍ଡିଆ ଆସୋସିଏସନ ସେକ୍ରେଟେରି ଗବର୍ଣ୍ଣମେଣ୍ଟଙ୍କ ଛାଡ଼ିବାକୁ ପ୍ରାର୍ଥନା କରିଅଛନ୍ତି ।

ମାନ୍ଦ୍ରାଜରେ କେତେ କଲେଜ ଅଛନ୍ତି ଯେ ତାହାଙ୍କ ସେବା ଗବର୍ଣ୍ଣମେଣ୍ଟଙ୍କ ଦତ୍ତ ସରକାରୀ ଭୂମିର ରାଜସ୍ବ ଛାଡ଼ି କଲେ । ଏଠାରୁ ଏମନ୍ତ ପ୍ରକାଶ ପାଇଅଛି ଯେ ପୁରୋହିତମାନେ ଦେବୋତ୍ତର ଭୂମିମାନଙ୍କଦ୍ୱାରା ସ୍ୱାର୍ଥ ସାଧନ ଶଠନ କରନ୍ତି ଏହି କାରଣରୁ ପ୍ରଧାନ ଗବର୍ଣ୍ଣମେଣ୍ଟଙ୍କ ଅନୁମତିକ୍ରମେ ବ୍ୟବସ୍ଥା ହେଉଅଛି ଯେ ସେହି ସବୁ ଦେଉଳଙ୍କ ସେବା ନିମିତ୍ତ ଅର୍ପିତ ଭୂମି ଦିଆ ନ ଯାଇ ତାହା ପରିବର୍ତ୍ତରେ ଦେଉଳରେ ଏମନ୍ତ ମୋଟସବୁ ଜମା ରହିବ କି ଯାହା ସ୍ଥାନାନ୍ତରିତ ବା ହସ୍ତାନ୍ତରିତ କରିବାର କାହାର ସମର୍ଥ ନ ଥିବ । ଏପ୍ରକାର ନିୟମ ଭଲ ଅଟଇ ଭାରତବର୍ଷର ସର୍ବସ୍ଥଳରେ ପ୍ରାୟ ଏହିପ୍ରକାର ଦେବୋତ୍ତର ସମ୍ପତ୍ତିର ଅପବ୍ୟୟ ହୁଅଇ ସମସ୍ତ ସ୍ଥାନ ଠାରେ ଏହି ନିୟମ ପ୍ରଚଳିତ କଲେ ଅନେକ ମଙ୍ଗଳସାଧନ ହୋଇପାରେ ।

## ଦେବଉତ୍ସବ ।

ଅ ୧୯ ଓ ୧୬ କରୁ ଛପା ହୋଇଥିବା ପଞ୍ଜିରେ ଛାପାବିଷୟକ ଯେଉଁ ଅଶୁଦ୍ଧ ରହିଅଛି ତାହା ନିମ୍ନଲିଖିତ ଭାଲିକାକ୍ରମେ ପ୍ରକାଶ କରୁଅଛୁ ।

ଯଥା ।

ମକର ଦ ୨୩ ରେ ଷଷ୍ଠୀର ଏକୋଦିଷ୍ଟ ଛାଡ଼

„ ଦ ୨୪ ରେ ସପ୍ତମୀର „ „

„ ଦ ୨୫ ରେ ଅଷ୍ଟମୀର „ „

କୁମ୍ଭ ଦ ୨୦ ରେ ପୂର୍ଣ୍ଣିମାର ସାମ୍ବତ୍ସରିକ „

„ ଦ ୧୦ ରେ ଅଷ୍ଟକା „

„ ଦ ୧୧ ରେ ଅନ୍ୱଷ୍ଟକା „

„ ଦ ୧୮ ରେ ଅମାବାସ୍ୟାର ଏକୋଦିଷ୍ଟ „

ମୀନ ଦ ୧୧ ରେ ଅଷ୍ଟମୀର ଏକୋଦିଷ୍ଟ „

„ ଦ ୧୬ ରେ ଚତୁର୍ଦ୍ଦଶୀପ୍ରବାସ „

„ ଦ ୨୧ ରେ ଚତୁର୍ଥୀର ସାମ୍ବତ୍ସରିକ „

## ବିଜ୍ଞାପନ ।

ଗତ ନଭେମ୍ବର ମାସ ତା ୧ ରଖ ସ୍ୱପ୍ନରେ ଦେଖାଗଲା ଯେ ବନ୍ଦରର ପ୍ରାୟ ମା ୧୫ ଉତ୍ତର ପଶ୍ଚିମକୋଣରେ ପଥରଭୂମି ନମ୍ବର ମୂଳ ଯାହା ବର୍ତ୍ତମାନ ଭାଇବଣି ବନ୍ଦ ହୋଇ ଯାଇଅଛି ତାହାର ଦକ୍ଷିଣ ଅଳ୍ପ ଦୂରରେ ବାଲିରେ ଭଙ୍ଗାଇ ହୋଇଥିବା ଜାହାଜ ଏକାମନ୍ଦ ତାହାର ଭଗ୍ନାଂଶମାନ ବର୍ତ୍ତମାନ ସମୁଦ୍ରପତ୍ତନାଦିରେ ଦୁଇ ତିନି ମାଇଲ ମଧ୍ୟରେ ପଡ଼ି ହୋଇ ପଡ଼

ରହିଅଛି ତାହା ଅସନ୍ଦୀ ଜାନୁଆରୀମାସ ... ଓ ମି । ଓଡ଼ିଆ ମାସମାଣ ତା ୨୪ ... ଦିନ ଦିନ ବିକ୍ରି କଲିକତାର ... ଠାରେ ... ହୋଇ ବଟାଥିବ ତାହା ବାକ୍ସିରୁ ... ଯିବ ଅତଏବ ଏ ବିଜ୍ଞାପନ ଦ୍ୱାରା ... ସର୍ବସାଧାରଣ ବ୍ୟକ୍ତିମାନେ ଉପର ... ଦସ୍ତୁର ଜ୍ଞାତ ହୋଇ କର୍ମଚାରୀ ...

ତା ୧୦ ଋଣ ମାହେ ଡିସେମ୍ବର ...

ଏଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରାଯାଉ ଯେ ଅମ୍ଭେମାନେ (ଉତ୍କଳ ବ୍ରାହ୍ମସମାଜର ମଣ୍ଡଳୀ) ଶ୍ରୀଯୁକ୍ତ ... ତାଙ୍କୁ ବି ଉତ୍କଳବ୍ରାହ୍ମମୋଡର ... ନିଯୁକ୍ତ କରାଯାଇଥିବ ଓ ଅତଏବ ... ସ୍ୱୀକର ଏବଂ ସମ୍ପଦାୟ ସ୍ୱୀକରୁ ଅସ୍ମା... ସମ୍ପତ୍ତି ଚନ୍ଦ୍ରଜାନ୍ତ ଓ ହିସାବପତ୍ରାଦିର ... ଯାହାଙ୍କ ଉପରେ ଅର୍ପିତ ହୋଇଥିଲା, ... ଅମ୍ଭମାନଙ୍କ ମଣ୍ଡଳୀରେ ଓ ସମାଜର ... ବହିର୍ଭୂତରେ ଅନେକ କାର୍ଯ୍ୟ ... ତାଙ୍କର ପ୍ରକୃତିର ଉତ୍ସାହରେ ... ଉକ୍ତଭକ୍ତମାନଙ୍କର ଓ ଉକ୍ତ ସମାଜ ... ପୁସ୍ତକ, ଅଦ୍ୟାବଧି ଦ୍ରବ୍ୟାଦି, ଓ ... ବା ସମସ୍ତେ ବୁଝାଇଦେଲେ, ... ଯେ ସେ ତାଙ୍କ ଅଧିକାର ... ଅର୍ଥାତ୍ ଦାନ ବା ଗୃହାଦି ... କରନ୍ତି ନାହିଁ ଅମ୍ଭେମାନେ ଅଧୀନ ... ଯାହାଙ୍କୁ ସମ୍ପାଦକ ବା ... ଏହି ଉତ୍କଳଦୀପିକାରେ ବିଜ୍ଞାପନ ... ଇତ୍ୟାଦିକୁ ପୁସ୍ତକ, ଟଙ୍କା, ଦାନ ... ଦେଇ ବାଧିତ କରିବେ ।

ଶ୍ରୀ ଗଙ୍ଗାସୁନ୍ଦର କାନୁନ

ଶ୍ରୀ ଗୋବିନ୍ଦଚନ୍ଦ୍ରମିଶ୍ର

ଶ୍ରୀ ପ୍ୟାରୀମୋହନଆଚାର୍ଯ୍ୟ

ଶ୍ରୀ କୃଷ୍ଣପ୍ରସାଦଘୋଷ

ଶ୍ରୀ ଗଙ୍ଗାଚରଣଘୋଷ

ଶ୍ରୀ ଶ୍ୟାମସୁନ୍ଦରଦତ୍ତ

ଶ୍ରୀ କାର୍ତ୍ତିକଚରଣଘୋଷ

ଶ୍ରୀ ବାମଦେବମଲ୍ଲିକ

ଶ୍ରୀ ମହାଦେବମହାନ୍ତି

ଏହି ଉତ୍କଳଦୀପିକା ସହର କଟକ ... ବଜାର କଟକପ୍ରିଣ୍ଟିଂକମ୍ପାନିର ... ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com